# ସୂଚୀପତ୍ର

## କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦

(୨୦୦୬ର ସଂଶୋଧନ ଆଇନ୍ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ)

*ପ୍ରାକ୍-କଥନ*

*ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବକ୍ତବ୍ୟ (ଆଇନ୍ ୨୦୦୦)*

*ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବକ୍ତବ୍ୟ (ସଂଶୋଧନ ଆଇନ୍ ୨୦୦୬)*

**ପ୍ରଥମ ଅଧ୍ୟାୟ**

**(ପ୍ରାରମ୍ଭିକ)**

୧. ସଂକ୍ଷିପ୍ତ ଶିରୋନାମା, ବ୍ୟାପ୍ତି, ପ୍ରାରମ୍ଭ ଓ ପ୍ରୟୋଗ

୨. ସଂଜ୍ଞାମାନ

୩. ଯେଉଁମାନେ କୈଶୋର ଅତିକ୍ରମ କରିଥିବେ, ସେମାନଙ୍କ କ୍ଷେତ୍ରରେ ତଦନ୍ତ ଚାଲୁରଖିବା

**ଦ୍ୱିତୀୟ ଅଧ୍ୟାୟ**

**(ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର)**

୪. କିଶୋର ନ୍ୟାୟ ପରିଷଦ

୫. ପରିଷଦ ସମ୍ପର୍କୀତ କାର୍ଯ୍ୟଧାରା ଇତ୍ୟାଦି

୬. କିଶୋର ନ୍ୟାୟ ପରିଷଦର କ୍ଷମତାସମୂହ

୭. ଏହି ଆଇନ୍ ଅଧିନରେ କ୍ଷମତାପ୍ରାପ୍ତ ହୋଇନଥିବା ମାଜିଷ୍ଟ୍ରେଟ୍‌ଙ୍କ ପାଇଁ ଅନୁସରଣୀୟ କାର୍ଯ୍ୟଧାରା

୮. ପର୍ଯ୍ୟବେକ୍ଷଣ ଗୃହମାନ

୯. ସ୍ୱତନ୍ତ୍ର ଗୃହମାନ

୧୦. ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରଙ୍କ ଗିରଫଦାରି

୧୧. କିଶୋର ଉପରେ ଜିମାଦାରଙ୍କ ନିୟନ୍ତ୍ରଣ

୧୨. କିଶୋରର ଜାମିନ୍

୧୩. ପିତାମାତା, ଅଭିଭାବକ ବା ପରୀବୀକ୍ଷା ଅଧିକାରୀଙ୍କୁ ସୂଚନା

୧୪. କିଶୋର ସମ୍ବନ୍ଧରେ ପରିଷଦ ଦ୍ୱାରା ତଦନ୍ତ

୧୫. କିଶୋର ସମ୍ବନ୍ଧରେ ଯେଉଁ ଆଦେଶ ଜାରି କରାଯାଇ ପାରେ

୧୬. କିଶୋର ବିରୁଦ୍ଧରେ ଯେଉଁ ଆଦେଶ ଜାରି କରାଯାଇ ନପାରେ

୧୭. ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଅଧ୍ୟାୟ-୮ ଅଧୀନସ୍ଥ କାର୍ଯ୍ୟବିଧି କିଶୋର ବିରୁଦ୍ଧରେ ଅପ୍ରଯୁଜ୍ୟ

୧୮. କିଶୋର ଏବଂ କିଶୋର ହୋଇନଥିବା ବ୍ୟକ୍ତିଙ୍କ ପାଇଁ ଯୁଗ୍ମ କାର୍ଯ୍ୟାନୁଷ୍ଠାନକୁ ବାରଣ

୧୯. ଦୋଷସିଦ୍ଧି-ସଂଶ୍ଳିଷ୍ଟ ଅଯୋଗ୍ୟତାର ଦୂରୀକରଣ

୨୦. ବିଚାରାଧିନ ମାମଲାଗୁଡିକ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରାବ୍ଧାନ
୨୧. ଆଇନ୍ ଅଧିନସ୍ଥ କୌଣସି କାର୍ଯ୍ୟବିଧିରେ ଜଡିତ କିଶୋରର ନାମ ଇତ୍ୟାଦି ପ୍ରକାଶନକୁ ନିଷେଧ
୨୨. ପଳାତକ କିଶୋର କ୍ଷେତ୍ରରେ ପ୍ରାବ୍ଧାନ
୨୩. କିଶୋର ବା ବାଳୁତଙ୍କ ପ୍ରତି ନିଷ୍ଠୁରତା ସକାଶେ ଦଣ୍ଡବିଧାନ
୨୪. ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ କିଶୋର ବା ବାଳୁତଙ୍କୁ ନିୟୋଜିତ କରିବା
୨୫. କିଶୋର ବା ବାଳତଙ୍କୁ ନିଶା-ଉଦ୍ରେକକାରୀ ମଦ ବା ତନ୍ଦ୍ରାକାରୀ ଔଷଧ ବା ସ୍ନାୟୁ-ଉତ୍ତେଜକ ସାମଗ୍ରୀ ଦେବା ନିମିତ୍ତ ଦଣ୍ଡବ୍ୟବସ୍ଥା
୨୬. କିଶୋର ବା ବାଳୁତ ଶ୍ରମିକମାନଙ୍କୁ ଶୋଷଣ
୨୭. ସ୍ୱତନ୍ତ୍ର ଅପରାଧମାନ
୨୮. ବିକଳ୍ପ ଦଣ୍ଡ ବ୍ୟବସ୍ଥା ।

## ତୃତୀୟ ଅଧ୍ୟାୟ
## (ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ)

୨୯. ବାଳୁତ କଲ୍ୟାଣ କମିଟି
୩୦. କମିଟି ବ୍ୟାପାରରେ କାର୍ଯ୍ୟବିଧି ଇତ୍ୟାଦି
୩୧. କମିଟିଙ୍କର କ୍ଷମତା
୩୨. କମିଟି ସମ୍ମୁଖରେ ହାଜର କରାଇବା
୩୩. ଅନୁସନ୍ଧାନ
୩୪. ଶିଶୁଗୃହସମୂହ
୩୫. ନିରୀକ୍ଷଣ
୩୬. ସାମାଜିକ ସମୀକ୍ଷଣ
୩୭. ଆଶ୍ରୟ ଗୃହସମୂହ
୩୮. ସ୍ଥାନାନ୍ତରଣ
୩୯. ପୁନରାର୍ପଣ

## ଚତୁର୍ଥ ଅଧ୍ୟାୟ
## (ଥଇଥାନ ଓ ସାମାଜିକ ପୁନର୍ମିଳନ)

୪୦. ଥଇଥାନ ଓ ସାମାଜିକ ପୁନର୍ମିଳନ ପ୍ରକ୍ରିୟା
୪୧. ପୋଷ୍ୟତା
୪୨. ପୋଷକ ଯତ୍ନ
୪୩. ପୃଷ୍ଠପୋଷକତା
୪୪. ଯତ୍ନ-ପର ସଂସ୍ଥା
୪୫. ସଂଯୋଗ ଓ ସମନ୍ୱୟ

## ପଞ୍ଚମ ଅଧ୍ୟାୟ
## (ବିବିଧ)

୪୬. କିଶୋର ବା ବାଳୁତର ପିତାମାତା କିମ୍ବା ଅଭିଭାବକଙ୍କ ହାଜିରା
୪୭. କିଶୋର ବା ବାଳୁତଙ୍କୁ ହାଜର ହେବାରୁ ଅବ୍ୟାହିତ ଦିଆଯିବା
୪୮. ସାଂଘାତିକ ରୋଗରେ ଆକ୍ରାନ୍ତ କିଶୋର ବା ବାଳୁତଙ୍କୁ ଅନୁମୋଦିତ ସ୍ଥାନକୁ ପଠାଇବା ଏବଂ ତାଙ୍କର ଭବିଷ୍ୟତ ସମ୍ବନ୍ଧରେ ନିଷ୍ପତ୍ତି ନେବା
୪୯. ବୟସ ସମ୍ବନ୍ଧୀୟ ଅନୁମାନ ଏବଂ ନିର୍ଣ୍ଣୟ
୫୦. କ୍ଷେତ୍ରାଧିକାର ବାହାରକୁ କିଶୋର ବା ବାଳୁତଙ୍କୁ ପଠାଇବା
୫୧. ବିବରଣୀଗୁଡ଼ିକୁ ସଂଗୋପନୀୟ ବୋଲି ବିବେଚନା କରିବା
୫୨. ଅପିଲ୍
୫୩. ପୁନରୀକ୍ଷଣ (ରିଭିଜନ୍)
୫୪. ତଦନ୍ତ, ଅପିଲ୍ ଏବଂ ପୁନରୀକ୍ଷଣ କାର୍ଯ୍ୟବିଧିମାନଙ୍କରେ ଅନୁସରଣୀୟ ପ୍ରକ୍ରିୟା
୫୫. ଆଦେଶଗୁଡ଼ିକର ସଂଶୋଧନ ପାଇଁ କ୍ଷମତା
୫୬. କିଶୋର ବା ବାଳୁତଙ୍କୁ ଖଲାସ ଏବଂ ସ୍ଥାନାନ୍ତରଣ କରିବା ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷମତା
୫୭. ଆଇନ୍ ଅଧିନସ୍ଥ ଶିଶୁଗୃହମାନଙ୍କ ମଧ୍ୟରେ ଏବଂ ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଏତାଦୃଶ କିଶୋରଗୃହମାନଙ୍କ ମଧ୍ୟରେ ସ୍ଥାନାନ୍ତରଣ
୫୮. ବିକୃତ-ମସ୍ତିଷ୍କ, କୁଷ୍ଠ-ଆକ୍ରାନ୍ତ ବା ନିଶାଔଷଧରେ ବଶୀଭୂତ କିଶୋର ବା ବାଳୁତଙ୍କୁ ସ୍ଥାନାନ୍ତରଣ
୫୯. ସ୍ଥାନ-ଚୟନ ପରେ କିଶୋର ବା ବାଳୁତର ଖଲାସ ଏବଂ ଅନୁପସ୍ଥିତି
୬୦. ପିତାମାତଙ୍କ ଅବଦାନ
୬୧. ପାଣ୍ଠି
୬୨. କେନ୍ଦ୍ରୀୟ, ରାଜ୍ୟ, ଜିଲ୍ଲା ଏବଂ ନଗର ଉପଦେଷ୍ଟା ପରିଷଦ
୬୩. ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍
୬୪. ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର, ଯେ କି ଆଇନ୍‌ର ପ୍ରାରମ୍ଭ ବେଳେ ଦଣ୍ଡାଦେଶ ଭୋଗୁଥିବେ
୬୫. ବନ୍ଧପତ୍ର (ବେଣ୍ଡ୍) କ୍ଷେତ୍ରରେ କାର୍ଯ୍ୟଧାରା
୬୬. କ୍ଷମତା ଅର୍ପଣ
୬୭. ସଦବିଶ୍ୱାସରେ ସମ୍ପାଦିତ କାର୍ଯ୍ୟାନୁଷ୍ଠାନକୁ ସୁରକ୍ଷା ପ୍ରଦାନ
୬୮. ନିୟମାବଳୀ ପ୍ରଣୟନର କ୍ଷମତା
୬୯. ପ୍ରତ୍ୟାହାର ଓ ବ୍ୟାବୃତ୍ତି
୭୦. ଅସୁବିଧାସମୂହର ଦୂରୀକରଣ ପାଇଁ କ୍ଷମତା

# କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦

## (୨୦୦୦ ମସିହାର ସଂଖ୍ୟା ୫୬)

### (୨୦୦୬ର ସଂଶୋଧନ ଆଇନ୍ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ)

*୩୦ ଡିସେମ୍ବର ୨୦୦୦*

ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କର ଉପଯୁକ୍ତ ଯତ୍ନ, ସୁରକ୍ଷା ଓ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା, ସେମାନଙ୍କର ବିକାଶ ପାଇଁ ଆବଶ୍ୟକ ହେଉଥିବା ପ୍ରୟୋଜନଗୁଡିକୁ ମେଣ୍ଟାଇବା, ବାଳୁତମାନଙ୍କର ସର୍ବୋତ୍ତମ ସ୍ୱାର୍ଥକୁ ଆଖି ଆଗରେ ରଖି ସେମାନଙ୍କର ମାମଲାଗୁଡିକର ବିଚାରଣା ଏବଂ ଫଇସଲା କ୍ଷେତ୍ରରେ ଏକ ବାଳୁତ-ମିତ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା ତଥା ସେମାନଙ୍କୁ ଚୂଡାନ୍ତ ଭାବେ ଥଇଥାନ କରିବା ଏବଂ ତତ୍‌ସହିତ ସଂପୃକ୍ତ ଏବଂ ଆନୁଷଙ୍ଗିକ ବିଷୟମାନ ଉପରେ ବ୍ୟବସ୍ଥାଗୁଡିକର ଅବତାରଣା କରିବାର ଲକ୍ଷ୍ୟ ପୋଷଣ କରି ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ସଂବନ୍ଧରେ ପ୍ରଚଳିତ ଆଇନ୍‌କୁ ସୁସଂହତ ଏବଂ ସଂଶୋଧନ କରିବା ପାଇଁ ଏହି ଆଇନ୍‌ଟି ଉଦ୍ଦିଷ୍ଟ ।

**ଯେହେତୁ** ଭାରତର ସମ୍ବିଧାନ ଏହାର ଧାରା ୧୫ ଅଧୀନସ୍ଥ ଉପଧାରା (୩), ଧାରା ୩୯ ଅଧୀନସ୍ଥ ଉପଧାରା (ଇ) ଏବଂ (ଏଫ୍) ଏବଂ ଧାରା ୪୫ ଓ ୪୭ ସମେତ ବିଭିନ୍ନ ପ୍ରାବ୍ଧାନଗୁଡିକରେ ବାଳୁତମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଯେପରି ପୂରଣ ହୁଏ ତଥା ସେମାନଙ୍କର ମୌଳିକ ମାନବିକ ଅଧିକାରଗୁଡିକ ଯେପରି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହେ, ତାହାକୁ ସୁନିଶ୍ଚିତ କରାଇବାର ପ୍ରାଥମିକ ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ କରିଛି ;

**ଏବଂ ଯେହେତୁ** ମିଳିତ ଜାତିସଂଘର ସାଧାରଣ ସଭା ବାଳୁତ ଅଧିକାର ଉପରେ ଏକ ଘୋଷଣାନାମା ୨୦ ନଭେମ୍ବର ୧୯୮୯ ତାରିଖରେ ଗ୍ରହଣ କରିଛନ୍ତି;

**ଏବଂ ଯେହେତୁ,** ବାଳୁତ ଅଧିକାର ସଂପର୍କୀତ ଘୋଷଣାନାମା ବାଳୁତର ସର୍ବୋତ୍ତମ ସ୍ୱାର୍ଥସାଧନ ଉଦ୍ଦେଶ୍ୟରେ ସମସ୍ତ ପକ୍ଷ-ରାଷ୍ଟ୍ରମାନଙ୍କ ଦ୍ୱାରା ଅନୁପାଳନୀୟ ଏକ ମାନଦଣ୍ଡ-ସୂଚୀ ବିହିତ କରିଛି ;

**ଏବଂ ଯେହେତୁ,** ବାଳୁତ ଅଧିକାର ସଂପର୍କୀତ ଘୋଷଣାନାମା କାନୁନୀ କାର୍ଯ୍ୟବିଧି ଉପରେ ନିର୍ଭର କରିବା ପରିବର୍ତ୍ତେ ଶରବ୍ୟ ବାଳୁତମାନଙ୍କର ଯଥାସମ୍ଭବ ସାମାଜିକ ପୁନର୍ମିଳନ ଉପରେ ପ୍ରାଧାନ୍ୟ ଦେଇଛି;

**ଏବଂ ଯେହେତୁ,** ଭାରତ ସରକାର ଏହି ଘୋଷଣାନାମାକୁ ୧୧ ଡିସେମ୍ବର ୧୯୯୨ ତାରିଖରେ ନିଜର ଅନୁ-ସ୍ୱାକ୍ଷର ପ୍ରଦାନ କରିଛନ୍ତି;

**ଏବଂ ଯେହେତୁ,** ବାଳୁତ ଅଧିକାର ସଂପର୍କୀତ ଘୋଷଣାନାମା, କିଶୋର-ନ୍ୟାୟ ନିର୍ବାହନ ପାଇଁ ଉଦ୍ଦିଷ୍ଟ ମିଳିତ ଜାତିସଂଘର ସାର୍ବଜନୀନ ସର୍ବନିମ୍ନ ମାନକ ନିୟମାବଳୀ ୧୯୮୫ (ବେଜିଙ୍ଗ୍ ନିୟମାବଳୀ), ସ୍ୱାଧିନତାରୁ ବଞ୍ଚିତ

କିଶୋରଗଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜାତିସଂଘ ନିୟମାବଳୀ (୧୯୯୦) ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆନ୍ତର୍ଜାତିକ ବିଧିବିଧାନରେ ବିହିତ ହୋଇଥିବା ମାନଦଣ୍ଡସମୂହକୁ ଧ୍ୟାନରେ ରଖି କିଶୋରମାନଙ୍କ ସଂବନ୍ଧରେ ପ୍ରଚଳିତ ଆଇନ୍‌କୁ ପୁନଃ-ପ୍ରଣୟନ କରିବା ଜରୁରୀ ବୋଲି ଅନୁଭୂତ ହେଉଛି ;

**ତେଣୁ ଭାରତର ପ୍ରଜାତନ୍ତ୍ରର ଏକାବନତମ ବର୍ଷରେ ନିମ୍ନମତେ ଏହା ପ୍ରଣୟନ କରାଯାଉଛି :-**

**ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବକ୍ତବ୍ୟ-**

କିଶୋର ଆଇନ୍, ୧୯୮୬ (୧୯୮୬ର ଆଇନ୍ ସଂଖ୍ୟା ୫୩)ର କାର୍ଯ୍ୟକାରିତାର ଏକ ସମୀକ୍ଷାରୁ ଜଣାପଡେ ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଅଛି । ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଯେଉଁ ନ୍ୟାୟ ବ୍ୟବସ୍ଥା ଅଛି, ତାହା ଜଣେ କିଶୋର ବା ବାଳୁତ କ୍ଷେତ୍ରରେ ବା ସେମାନଙ୍କ ପାଇଁ ସକ୍ରିୟ ହେଉଥିବା ପୋଲିସ୍, ସ୍ୱେଚ୍ଛାସେବୀ ସଂଗଠନ, ସମାଜକର୍ମୀ ଅଥବା ପିତାମାତା ବା ଅଭିଭାବକଙ୍କ ସମେତ ଦେଶର କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରୟୋଗ ପାଇଁ ଉପଯୁକ୍ତ ବୋଲି ମନେ ହୁଏନାହିଁ । ବିଶେଷ କରି ପରିବାର, ସ୍ୱେଚ୍ଛାସେବୀ ସଂଗଠନସମୂହ ଏବଂ ଜନଗୋଷ୍ଠୀଙ୍କ ସମେତ ଅନୌପଚାରିକ ବ୍ୟବସ୍ଥାଗୁଡିକର ଏକ ବୃହତ୍ତର ସଂପୃକ୍ତିକୁ ସାକାର କରିବା ପାଇଁ ପ୍ରସ୍ତାବିତ ଆଇନ୍‌କୁ କାର୍ଯ୍ୟରୂପ ଦେବା ସକାଶେ ଆବଶ୍ୟକ ହେଉଥିବା ପର୍ଯ୍ୟାପ୍ତ ସଂରଚନା ସୃଷ୍ଟି କରିବାର ଏକ ଜରୁରୀ ଆବଶ୍ୟକତା ରହିଛି ।

୨. ଏହି ପରିପ୍ରେକ୍ଷୀରେ, ନିମ୍ନମତେ ଆଉ କେତେକ ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି -

(୧) ଜଣେ କିଶୋର ବା ବାଳୁତକୁ ନ୍ୟାୟ ପ୍ରଦାନର ମୌଳିକ ନୀତିଗୁଡିକ ବିଧେୟକରେ ସ୍ଥାନିତ ହୋଇଛି;

(୨) ବୟସ୍କମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେଉଥିବା ଆପରାଧିକ ନ୍ୟାୟ-ବ୍ୟବସ୍ଥା ତୁଳନାରେ ଜଣେ କିଶୋର ବା ବାଳୁତ ପାଇଁ ଉଦ୍ଦିଷ୍ଟ ଥିବା ନ୍ୟାୟ-ବ୍ୟବସ୍ଥାରେ ବିକାଶର ଆବଶ୍ୟକତାଗୁଡିକୁ ଅଧିକ ମର୍ଯ୍ୟାଦା ଦେବା ;

(୩) ବାଳୁତ ଅଧିକାର ଉପରେ ମିଳିତ ଘୋଷଣାନାମା ସହ କିଶୋର ନ୍ୟାୟକୁ ସଂଗତିସଂପନ୍ନ କରିବା ;

(୪) ଉଭୟ ପୁଅ ଏବଂ ଝିଅଙ୍କ ପାଇଁ ଅଠରବର୍ଷ ବୟସ ସମାନ ଭାବେ ପ୍ରଯୁଜ୍ୟ ବୋଲି ବିହିତ କରିବା ;

(୫) ଏହି ବିଧେୟକରେ ପରିକଳ୍ପିତ ହୋଇଥିବା କର୍ତ୍ତୃପକ୍ଷମାନଙ୍କ ଦ୍ୱାରା କିଶୋର ବା ବାଳୁତ ସଂପର୍କୀତ ପ୍ରତି ମାମଲାକୁ ଚାରିମାସ ସମୟସୀମା ଭିତରେ କ୍ଷୀପ୍ର ଗତିରେ ଫଇସଲାକୁ ସୁନିଶ୍ଚିତ କରିବା;

(୬) ପ୍ରସ୍ତାବିତ ଆଇନ୍‌ର କାର୍ଯ୍ୟକାରିତା ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ ସଂଗଠନସମୂହ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ସାମିଲ୍ କରି ରାଷ୍ଟ୍ର ନିଜେ ଏକ କର୍ତ୍ତା ବଦଳରେ ବରଂ ସହାୟକର ଭୂମିକା ନେବ ବୋଲି ଏକ ସୁସ୍ପଷ୍ଟ ବୟାନ ରଖିବା ;

(୭) ପୋଲିସ୍ କର୍ମଚାରୀମାନଙ୍କୁ ସଜାଗତା ଓ ପ୍ରଶିକ୍ଷଣ ପ୍ରଦାନ କରି ମାନବୀୟ ଦୃଷ୍ଟିଭଙ୍ଗୀ ବହନ କରିଥିବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍‌ମାନ ସୃଷ୍ଟି କରିବା ;

(୮) ପ୍ରତି ଜିଲ୍ଲା ବା ପ୍ରତି ଜିଲ୍ଲାପୁଞ୍ଜ ପାଇଁ କିଶୋର ନ୍ୟାୟ ପରିଷଦ ଏବଂ ବାଳୁତ କଲ୍ୟାଣ କମିଟିଗୁଡିକ ଗଠନ କରି ଜଣେ କିଶୋର ବା ବାଳୁତ ଯେପରି ଅଧିକ ମାତ୍ରାରେ ସେଗୁଡିକର ସୁଯୋଗ ନେଇପାରିବ, ସେଦିଗରେ ତାକୁ ସମର୍ଥ କରିବା;

(୯) ଅପବାଦର ଆଶଙ୍କାକୁ ନ୍ୟୁନତମ କରିବା ପାଇଁ ତଥା କିଶୋର ବା ବାଳୁତର ଅଭିବୃଦ୍ଧି-ଗତ ପ୍ରୟୋଜନଗୁଡିକୁ ଦୃଷ୍ଟିରେ ରଖି ବିଧେୟକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି- ଗୋଟିଏ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ପାଇଁ, ଅନ୍ୟଟି ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ ପାଇଁ ;

(୧୦) ପରିତ୍ୟକ୍ତ, ନିଃସହାୟ, ଅବହେଳିତ ଏବଂ ଦୋଷୀ କିଶୋର ବା ବାଳୁତଙ୍କ ଥଇଥାନ ଓ ସାମାଜିକ ପୁନର୍ମିଳନ ପାଇଁ ଫଳପ୍ରଦ ବ୍ୟବସ୍ଥାମାନ ଏବଂ ବିଭିନ୍ନ ବିକଳ୍ପ ପନ୍ଥା ସୃଷ୍ଟି କରିବା ।

୩. ଉପରୋକ୍ତ ଲକ୍ଷ୍ୟଗୁଡିକୁ ପୂରଣ କରିବା ଉଦ୍ଦେଶ୍ୟରେ କିଶୋର ନ୍ୟାୟ ଆଇନ୍ ୧୯୮୬କୁ ପ୍ରତ୍ୟାହାର ଏବଂ ପୁନଃ-ପ୍ରଣୟନ ପାଇଁ ଏହି ବିଧେୟକ ପ୍ରୟାସ କରୁଛି ।

**ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବକ୍ତବ୍ୟ (୨୦୦୬ର ସଂଶୋଧନ ଆଇନ୍ ଅନୁଯାୟୀ) -**

କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ (କିଶୋର ନ୍ୟାୟ ଆଇନ୍) ୧ ଏପ୍ରିଲ ୨୦୦୧ରେ ବଳବତ୍ତର ହୋଇଥିଲା । କିଶୋର ନ୍ୟାୟ ଆଇନ୍‌ର ଲକ୍ଷ୍ୟ ଥିଲା ଯେ, ବାଳୁତମାନଙ୍କର ବିକାଶ-ଆଧାରିତ ଆବଶ୍ୟକତାଗୁଡିକୁ ଦୃଷ୍ଟିରେ ରଖି ବାଳୁତମାନଙ୍କର ସର୍ବୋତ୍ତମ ସ୍ୱାର୍ଥ ଓ ଥଇଥାନ ଉଦ୍ଦେଶ୍ୟରେ ସେମାନଙ୍କ ସଂପର୍କୀତ ବିଭିନ୍ନ ମାମଲାର ବିଚାରଣା ଏବଂ ଫଇସଲା ପ୍ରକ୍ରିୟାରେ ଏକ ବାଳୁତ-ଅନୁକୂଳ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଲକ୍ଷ୍ୟ ନେଇ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ଓ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏକ କିଶୋର ନ୍ୟାୟ ବ୍ୟବସ୍ଥାର ସୂତ୍ରପାତ କରିବା ।

୨. ଏକ ଜନସ୍ୱାର୍ଥ ମାମଲା (ରିଟ୍ ଆବେଦନ, ୨୦୦୧ର ନଂ- ୩୪୪୬)ରେ ଦିଲ୍ଲୀ ହାଇକୋର୍ଟଙ୍କ ସମ୍ମୁଖରେ କିଶୋର ନ୍ୟାୟ ଆଇନ୍‌ର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ବିରୁଦ୍ଧରେ ଆପତ୍ତି ଉଠାଯାଇଥିଲା । ଶୁଣାଣି ପ୍ରକ୍ରିୟାରେ ହାଇକୋର୍ଟ ମତ ଦେଇଥିଲେ ଯେ, କିଶୋର ନ୍ୟାୟ ଆଇନ୍‌ର କେତେକ ବ୍ୟବସ୍ଥା ପୁନର୍ବିଚାର ଆବଶ୍ୟକ କରୁଛି । ଏହି ମତକୁ ଦୃଷ୍ଟିରେ ରଖି କିଶୋର ନ୍ୟାୟ ଆଇନ୍‌ର ଧାରା ୩୨, ୩୩, ୫୬ ଏବଂ ୫୯ରେ ସଂଶୋଧନ ଅଣାଯିବା ପାଇଁ ପ୍ରସ୍ତାବ କରାଗଲା । ତଦନୁଯାୟୀ ୨୪.୭.୨୦୦୩ରେ ଲୋକସଭାରେ ଏକ ସଂଶୋଧନ ବିଧେୟକ ପେଶ୍ କରାଗଲା । ଇତିମଧ୍ୟରେ ଉକ୍ତ ବିଧେୟକକୁ ସଜ୍ଞାନ କରି ଦିଲ୍ଲୀ ହାଇକୋର୍ଟ ଉପରୋକ୍ତ ସିଭିଲ୍ ରିଟ୍ ଆବେଦନକୁ ୨୮.୭.୨୦୦୩ରେ ଫଇସଲା କରିଛନ୍ତି । ଲୋକସଭା ଉକ୍ତ ବିଧେୟକକୁ ଶ୍ରମ ଏବଂ କଲ୍ୟାଣ ସଂବନ୍ଧୀତ ସଂସଦୀୟ ସ୍ଥାୟୀ କମିଟିକୁ ଯାଞ୍ଚ ଏବଂ ରିପୋର୍ଟ ପାଇଁ ପଠାଇଛନ୍ତି । ସ୍ଥାୟୀ କମିଟି ଲୋକସଭା ନିକଟରେ ନିଜର ରିପୋର୍ଟ ଦାଖଲ କରିବା ପୂର୍ବରୁ ଲୋକସଭା ଭଙ୍ଗ ହୋଇଗଲା ଏବଂ ଉକ୍ତ ବିଧେୟକ ଅକାମି ହୋଇପଡିଲା ।

୩. ତାହା ପରେ ସରକାର ଭାବିଲେ ଯେ, ପୁଣି ଥରେ ଏକ ସଦ୍ୟ ନୂତନ ସଂଶୋଧନ ବିଧେୟକକୁ ପେଶ୍ କରିବା ପୂର୍ବରୁ ବିଭିନ୍ନ ବିଶେଷଜ୍ଞଙ୍କ ସୂତ୍ରରୁ ସ୍ଥାୟୀ କମିଟିଙ୍କୁ ମିଳିଥିବା ବିଭିନ୍ନ ପରାମର୍ଶଗୁଡିକ ସହିତ ସଂଶୋଧନ ପ୍ରସ୍ତାବଗୁଡିକୁ ଆଉଥରେ ଅନୁଧ୍ୟାନ କରାଯିବା ଆବଶ୍ୟକ । ଏହି ପ୍ରକ୍ରିୟାରେ ଆହୁରି କିଛି ବିଚାର-ବିମର୍ଷ କରାଗଲା ଏବଂ ସମସ୍ତ ସଂପୃକ୍ତ ମହଲରୁ ପ୍ରସ୍ତାବ/ମତାମତ ସଂଗ୍ରହ କରାଗଲା । ଏହି ସମସ୍ତ ବିଚାର-ବିମର୍ଷକୁ ଆଧାର କରି ଏହା ପ୍ରସ୍ତାବ କରାଯାଉଛି ଯେ, ପୂର୍ବ ବିଧେୟକର ବ୍ୟବସ୍ଥାଗୁଡିକ ସମେତ କିଶୋର ନ୍ୟାୟ ଆଇନ୍‌ର ବ୍ୟବସ୍ଥାଗୁଡିକରେ ସଂଶୋଧନ କରାଯିବ । ଏହି ବିଧେୟକରେ ସ୍ଥାନିତ ହୋଇଥିବା ସଂଶୋଧନଗୁଡିକର ଉଦ୍ଦେଶ୍ୟ ହେଉଛି-

(୧) କିଶୋର ନ୍ୟାୟ ଆଇନ୍‌ର ଦୀର୍ଘ ଶିରୋନାମାରେ ପରିବର୍ତ୍ତନ ଆଣିବା, ଯାହା ଫଳରେ ଏହି ଆଇନ୍ ଅଧୀନରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ କେବଳ ଆନୁଷ୍ଠାନିକ ନୁହେଁ, ବରଂ ଅଣ-ଆନୁଷ୍ଠାନିକ ପ୍ରକ୍ରିୟାରେ ଥଇଥାନର ଏକ ବୃହତ୍ତର ପରିସର ଉକ୍ତ ପରିବର୍ତ୍ତନ ଦ୍ୱାରା ସୂଚୀତ ହୋଇପାରୁଥିବ;

(୨) ଏକଥା ସୁସ୍ପଷ୍ଟ କରିଦେବା ଯେ, ଅନ୍ୟ କୌଣସି ଆଇନ୍ ଅଧୀନରେ ଯେଉଁସ୍ଥଳେ ଜଣେ କିଶୋରକୁ ଅଟକ କରାଯାଇଥାଏ ବା ତା' ବିରୁଦ୍ଧରେ ଫୌଜଦାରୀ ଅଭିଯୋଜନ ଅଣାଯାଇଥାଏ, ସେପରି ସମସ୍ତ ସ୍ଥିତିରେ କିଶୋର ନ୍ୟାୟ ଆଇନ୍ ପ୍ରଯୁଜ୍ୟ ରହିବ ;

(୩) ଜଣେ ବ୍ୟକ୍ତିର କିଶୋରାବସ୍ଥାର ଆକଳନ କ୍ଷେତ୍ରରେ ପ୍ରାସଙ୍ଗିକ ତାରିଖ ବା କିଶୋର ନ୍ୟାୟ ଆଇନ୍‌ର ପ୍ରଯୁଜ୍ୟତାକୁ ନେଇ ଉପୁଜୁ ଥିବା ସନ୍ଦେହଗୁଡିକର ଅବସାନ ଘଟାଇବା ;

(୪) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହରୁ ଖଲାସ ବା ସ୍ଥାନାନ୍ତରଣ କରିବା ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର, ଯେ କି ଜେଲ୍‌ଦଣ୍ଡ ଭୋଗୁଛି, ତାକୁ ଏକ ସ୍ୱତନ୍ତ୍ର ଗୃହ ବା ସମର୍ଥ ଅନୁଷ୍ଠାନକୁ ପ୍ରେରଣ କରିବା ବ୍ୟାପାରରେ କର୍ତ୍ତୃତ୍ୱ ପ୍ରଦାନ ସଂକ୍ରାନ୍ତରେ ଯେଉଁସବୁ ବ୍ୟବସ୍ଥା ସ୍ଥାନିତ ଅଛି, ସେସବୁର ପରିସରରୁ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କୁ ବାଦ୍ ଦେବା ;

(୫) ଯେଉଁସ୍ଥଳେ କୌଣସି ଅଦାଲତ ସାମନାରେ କିଶୋରାବସ୍ଥାକୁ ନେଇ କୌଣସି ଦାବୀ ଉପସ୍ଥାପିତ ହୋଇଥାଏ, ସେପରି ସ୍ଥଳେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାର ଅବତାରଣା କରିବା ;

(୬) ଯେତେବେଳେ ଗୋଟିଏ ସ୍ଥାନରୁ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରକୁ ଗିରଫ କରାଯାଇଥାଏ, ଗିରଫ ସ୍ଥଳରୁ ପରିଷଦ ପର୍ଯ୍ୟନ୍ତ ଗସ୍ତ ସମୟକୁ ବାଦ୍ ଦେଇ ଅନ୍ୟୂନ ଚବିଶ ଘଣ୍ଟା ଭିତରେ ତାକୁ ସଂପୃକ୍ତ ପରିଷଦ ନିକଟରେ ହାଜର କରାଯିବ ଏବଂ ବାଳୁତ କଲ୍ୟାଣ କମିଟି ସାମନାରେ ଏକ ବାଳୁତକୁ ହାଜର କରାଯିବା କ୍ଷେତ୍ରରେ ଏତାଦୃଶ ବ୍ୟବସ୍ଥା ମଧ୍ୟ ପ୍ରଯୁଜ୍ୟ ରହିବ;

(୭) କିଶୋର ନ୍ୟାୟ ଆଇନ୍‌ର ଉଦ୍ଦେଶ୍ୟ ହାସଲ ପାଇଁ ପରିବେକ୍ଷଣ ଗୃହରେ ଅଟକ ପରିବର୍ତ୍ତେ ବିକଳ୍ପ ବ୍ୟବସ୍ଥାଗୁଡିକୁ ସ୍ଥାନିତ କରିବା ;

(୮) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ବିଷୟରେ ଅନୁସନ୍ଧାନର ଦାୟିତ୍ୱ ବାଳୁତ କଲ୍ୟାଣ କମିଟି ଉପରେ ନ୍ୟସ୍ତ କରାଯାଇଥିବାରୁ ଅନୁସନ୍ଧାନ କ୍ଷେତ୍ରରେ କୌଣସି ପୋଲିସ୍ ଅଫିସର୍ ଜଡିତ ହୋଇପାରିବେ ନାହିଁ ବୋଲି ବ୍ୟବସ୍ଥା କରାଯିବା, ଏବଂ ଅନ୍ୟ କେଶ୍ ଗୁଡିକ କ୍ଷେତ୍ରରେ ଅନୁସନ୍ଧାନ ସମାପ୍ତ ହେବା ପରେ ମଧ୍ୟ ସଂପୃକ୍ତ ବାଳୁତ ଜଣକ ଶିଶୁଗୃହ ବା ଆଶ୍ରୟ ଗୃହରେ ରହିପାରିବ ବୋଲି ବ୍ୟବସ୍ଥା କରିବା ;

(୯) ଜଣେ ବାଳୁତକୁ ନିଃସନ୍ତାନ ଦମ୍ପତ୍ତିଙ୍କୁ ପୋଷ୍ୟ ସନ୍ତାନ ରୂପେ ଅର୍ପଣ କରାଯିବାର ବ୍ୟବସ୍ଥା କରାଯିବା ଦ୍ୱାରା ପୋଷ୍ୟତାର ପରିସର ବୃଦ୍ଧି କରିବା ଏବଂ କିଶୋର ନ୍ୟାୟ ଆଇନ୍ ଅଧୀନରେ ଏହି ବ୍ୟବସ୍ଥାକୁ କେବଳ ଭାରତୀୟ ନାଗରିକଙ୍କ ଭିତରେ ସୀମିତ ରଖିବା;

(୧୦) ଜଣେ ବାଳୁତ ପାଇଁ ଏକ କୋହଳ ଛୁଟି ବ୍ୟବସ୍ଥା ରଖାଯିବା, ଯାହା ଫଳରେ ସେ କୌଣସି ବିଶେଷ ଉପଲକ୍ଷରେ ବାହାରକୁ ଯାଇ ପାରିବ, ଯଥା ପରୀକ୍ଷା, କୌଣସି ସଂପର୍କୀୟଙ୍କ ବିବାହ, ଆତ୍ମୀୟ-ସ୍ୱଜନଙ୍କ ଦେହାନ୍ତ, ପିତା ବା ମାତାଙ୍କ ଦୁର୍ଘଟଣା ବା ଗୁରୁତର ଅସୁସ୍ଥତା ବା ଏତଦୃଶ କୌଣସି ଜରୁରୀ ସ୍ଥିତି ;

(୧୧) ଯେ ପର୍ଯ୍ୟନ୍ତ ସଂପୃକ୍ତ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କ ଦ୍ୱାରା ଏ କ୍ଷେତ୍ରରେ ନିୟମାବଳୀ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ ନିଜର ନିୟମାବଳୀ ପ୍ରଣୟନ କରି ନଥିବା ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଦର୍ଶ ନିୟମାବଳୀ ପ୍ରଯୁଜ୍ୟ ରହିବ ବୋଲି ସୁନିଶ୍ଚିତ କରିବା ।

୪. ଏହି ବିଧେୟକ ଉପରୋକ୍ତ ଲକ୍ଷ୍ୟଗୁଡିକୁ ହାସଲ କରିବାକୁ ପ୍ରୟାସ କରେ ।

# ପ୍ରଥମ ଅଧ୍ୟାୟ
# ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା, ବ୍ୟାପ୍ତି, ପ୍ରାରମ୍ଭ ଓ ପ୍ରୟୋଗ-**

(୧) ଏହି ଆଇନ୍ କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ ନାମରେ କଥିତ ହୋଇପାରେ ।

(୨) ଏହା ଜାମ୍ମୁକାଶ୍ମୀର ରାଜ୍ୟ ବ୍ୟତୀତ ସାରା ଭାରତରେ ବିସ୍ତାର ଲାଭ କରିବ ।

(୩) କେନ୍ଦ୍ରସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ ବଳରେ ଧାର୍ଯ୍ୟ କରିଥିବା ତାରିଖଠାରୁ ଏହି ଆଇନ୍ ବଳବତ୍ତର ହେବ ।

(୪) ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୋଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ସେପରି କୌଣସି ଆଇନ୍ ଅଧୀନରେ ଯଦି କୌଣସି ମାମଲାରେ ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ଥ ଜଣେ କିଶୋରକୁ ଅଟକ, ତା ବିରୁଦ୍ଧରେ ଅଭିଯୋଜନ, ଦଣ୍ଡବିଧାନ ବା ଜେଲ୍‌ଦଣ୍ଡ ଜାରି କରିବାର ମାମଲା ଉପୁଜେ, ତେବେ ସେହି ସମସ୍ତ ମାମଲା କ୍ଷେତ୍ରରେ ଏହି ଆଇନ୍‌ର ବ୍ୟବସ୍ଥାମାନ ପ୍ରଯୁଜ୍ୟ ରହିବ ।

**୨. ସଂଜ୍ଞାସମୂହ-**

**ପରିପ୍ରେକ୍ଷୀ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଆଇନ୍‌ରେ -**

(ଏ) "ଉପଦେଷ୍ଟା ପରିଷଦ"ର ଅର୍ଥ ଧାରା ୬୨ ଅଧୀନରେ ଯଥାସ୍ଥିତି ସଂସ୍ଥାପିତ ହୋଇଥିବା ଏକ କେନ୍ଦ୍ରୀୟ ବା ରାଜ୍ୟ ଉପଦେଷ୍ଟା ପରିଷଦ କିମ୍ବା ଏକ ଜିଲ୍ଲା ଓ ନଗରସ୍ତରୀୟ ଉପଦେଷ୍ଟା ପରିଷଦ;

(ଏଏ) "ପୋଷ୍ୟତା"ର ଅର୍ଥ ସେଭଳି ଏକ ପ୍ରକ୍ରିୟା, ଯାହା ଫଳରେ ଜଣେ ପୋଷ୍ୟ ସନ୍ତାନ ସ୍ଥାୟୀ ଭାବେ ନିଜର ଜନ୍ମଦାତା ପିତାମାତାଙ୍କ ଠାରୁ ବିଚ୍ଛିନ୍ନ ହୋଇଥାଏ ଏବଂ ତାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ପିତାମାତାଙ୍କର ଜଣେ ବୈଧ ସନ୍ତାନରେ ପରିଣତ ହୋଇଥାଏ ଏବଂ ଏହି ସଂପର୍କ ସହିତ ସଂଶ୍ଳିଷ୍ଟ ସମସ୍ତ ଅଧିକାର, ସୁବିଧା ଏବଂ ଉତ୍ତରଦାୟିତ୍ୱର ହକ୍‌ଦାର ହୋଇଥାଏ ;

(ବି) 'ଭିକ୍ଷାବୃତ୍ତି'ର ଅର୍ଥ -

୧- ଏକ ସର୍ବସାଧାରଣ ସ୍ଥାନରେ ଭିକ୍ଷା ମାଗିବା ବା ଗ୍ରହଣ କରିବା ଅଥବା କୌଣସି ବାହାନା ଥାଉ ବା ନଥାଉ ଭିକ୍ଷା ମାଗିବା ବା ଗ୍ରହଣ କରିବା ଉଦ୍ଦେଶ୍ୟରେ ଏକ ଘରୋଇ ପରିସରରେ ପ୍ରବେଶ କରିବା ;

୨- ଭିକ୍ଷା ସଂଗ୍ରହ କରିବା ବା ଆଦାୟ କରବାର ଉଦ୍ଦେଶ୍ୟ ରଖି କୌଣସି ବ୍ୟକ୍ତି ନିଜର କିମ୍ବା ଅନ୍ୟ କୌଣସି ବ୍ୟକ୍ତିର କିମ୍ବା ଏକ ପଶୁର କୌଣସି ଘା', କ୍ଷତ, ଆଘାତ, ବିକଳାଙ୍ଗତା ବା ବେମାରିକୁ ଅନାବରଣ ବା ପ୍ରଦର୍ଶନ କରିବା ;

(ସି) 'ପରିଷଦ'ର ଅର୍ଥ, ଧାରା ୪ ଅଧୀନରେ ଗଠିତ ହୋଇଥିବା ଏକ କିଶୋର ନ୍ୟାୟ ପରିଷଦ ;

(ଡି) 'ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ' ବୋଇଲେ ଏକ ବାଳୁତ-

୧- ଯାହାର ବାସଗୃହ ବା ନିର୍ଦ୍ଦିଷ୍ଟ ସ୍ଥାନ ବା ଆଶ୍ରୟସ୍ଥଳ ନ ଥାଏ ଏବଂ ଯାହାର କୌଣସି ଜୀବିକାର୍ଜ୍ଜନର ଆଖିଦୃଶିଆ ପନ୍ଥା ନଥାଏ ,

୧ଏ- ଯେ କି ଭିକ୍ଷା ମାଗୁଥିବାର ଦେଖାଯାଇଥାଏ, ବା ଯେ କି ଜଣେ ପଥ-ଚାରଣ ବାଳୁତ ବା ଶ୍ରମଜୀବି ବାଳୁତ ହୋଇଥାଏ ;

୨-ଯେ କି ଏଭଳି ଜଣେ ବ୍ୟକ୍ତିଙ୍କ ସହିତ ବାସ କରୁଥାଏ (ସେହି ବ୍ୟକ୍ତି ବାଳୁତର ଅଭିଭାବକ ହୋଇ ଥାନ୍ତୁ ବା ନଥାନ୍ତୁ) ଏବଂ ସେପରି ବ୍ୟକ୍ତି-

(ଏ) ବାଳୁତକୁ ହତ୍ୟା ବା ଆଘାତ କରିବା ପାଇଁ ଧମକ ଦେଇଥାନ୍ତି, ଏବଂ ସେହି ଧମକ ବାସ୍ତବ ରୂପ ନେବାର ଯଥାର୍ଥ ଆଶଙ୍କା ରହିଛି, କିମ୍ବା

(ବି) ଅନ୍ୟାନ୍ୟ କୌଣସି ବାଳୁତ ବା ବାଳୁତମାନଙ୍କୁ ହତ୍ୟା, ଅପବ୍ୟବହାର କିମ୍ବା ଅବହେଳା କରିଥାନ୍ତି ଏବଂ ସେହି ବ୍ୟକ୍ତି ସଂପୃକ୍ତ ବାଳୁତକୁ ହତ୍ୟା, ଅପବ୍ୟବହାର ଏବଂ ଅବହେଳା କରିବାର ଯଥାର୍ଥ ଆଶଙ୍କା ରହିଛି ;

୩-ଯେଉଁ ବାଳୁତ ମାନସିକ କିମ୍ବା ଶାରୀରିକ ଭାବେ ଆହ୍ୱାନ୍‌ର ସମ୍ମୁଖୀନ ହୋଇଥାଏ, ଅଥବା ଅସୁସ୍ଥ କିମ୍ବା ମରଣାନ୍ତକ ବା ଦୁରାରୋଗ୍ୟ ବ୍ୟାଧି ଭୋଗୁଥାଏ, କିନ୍ତୁ ତାକୁ ସାହାଯ୍ୟ କରିବା ବା ଦେଖାଶୁଣା ପାଇଁ କେହି ନଥାନ୍ତି ;

୪-ଯାହାର କୌଣସି ଜଣେ ଜନ୍ମଦାତା କିମ୍ବା ଅଭିଭାବକ ଥାନ୍ତି, କିନ୍ତୁ ବାଳୁତକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ସେ ଅସମର୍ଥ ବା ପଙ୍ଗୁ ହୋଇପଡିଛନ୍ତି ;

୫-ଯାହାର କୌଣସି ଜନ୍ମଦାତା ନଥାନ୍ତି ବା ଯାହାର ଯତ୍ନ ନେବା ପାଇଁ କେହି ଇଚ୍ଛୁକ ନୁହଁନ୍ତି ବା ଯେ ତାହାର ପିତାମାତାଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଛି ବା ନିରୁଦ୍ଦିଷ୍ଟ ବା ପଳାତକ ହୋଇଛି ଏବଂ ଯଥୋଚିତ ଅନୁସନ୍ଧାନ ପରେ ବି ଯାହାର ପିତାମାତାଙ୍କର ପତ୍ତା ମିଳୁନାହିଁ ;

୬-ଯାହାକୁ ଯୌନ ବ୍ୟଭିଚାର ଅଥବା ବେଆଇନ୍ କାରବାରମାନ ଉଦ୍ଦେଶ୍ୟରେ ନଗ୍ନ ଭାବେ ଅପବ୍ୟବହାର, ନିର୍ଯ୍ୟାତନା ବା ଶୋଷଣ କରାଯାଉଛି ବା କରାଯିବାର ଆଶଙ୍କା ଥାଏ ;

୭-ଯେ କି ଏକ ମ୍ରିୟମାଣ ସ୍ଥିତିରେ ପଡିଥାଏ ଏବଂ ଯେ କି ନିଶା ଅପବ୍ୟବହାର ବା ବେଆଇନ୍ ନିଶା କାରବାର ଭିତରକୁ ଟାଣି ହୋଇଯିବାର ଆଶଙ୍କା ଥାଏ ;

୮-ଯାହାକୁ ବେନିୟମ ମୁନାଫା-ଧନ୍ଦାରେ ଅପବ୍ୟବହାର କରାଯାଉଥାଏ ବା କରାଯିବାର ଆଶଙ୍କା ଥାଏ ;

୯-ଯେ କି କୌଣସି ସଶସ୍ତ୍ର ସଂଘର୍ଷ, ଜନ ଉତ୍ତେଜନା ବା ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହୋଇଛି ;

(ଇ) "ଶିଶୁଗୃହ"ର ଅର୍ଥ, ଏକ ରାଜ୍ୟ ସରକାର କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ସ୍ଥାପନ କରାଯାଇଥିବା ଏକ ସଂସ୍ଥା, ଯାହାକି ଧାରା ୩୪ ଅଧିନରେ ସେହି ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିଥିବ ;

(ଏଫ) 'କମିଟି'ର ଅର୍ଥ, ଧାରା ୨୯ ଅନୁଯାୟୀ ଗଠିତ ଏକ ବାଳୁତ କଲ୍ୟାଣ କମିଟି ;

(ଜି) 'କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ'ର ଅର୍ଥ, ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ସନ୍ଦର୍ଭରେ ଗୋଟିଏ କମିଟିକୁ ଏବଂ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସନ୍ଦର୍ଭରେ ଏକ ପରିଷଦକୁ ବୁଝାଇବ ;

(ଏଚ୍) 'ସମର୍ଥ ଅନୁଷ୍ଠାନ' କହିଲେ, ଏକ ବାଳୁତର ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବା ଏକ ସରକାରୀ ବା ପଂଜିକୃତ ହୋଇଥିବା ଏକ ବେସରକାରୀ ସଂଗଠନ କିମ୍ବା ଏକ ସ୍ୱେଚ୍ଛାସେବୀ ସଂଗଠନକୁ ବୁଝାଇବ, ଏବଂ ସେପରି ସଂଗଠନ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସୁପାରିଶ୍ ଭିତ୍ତିରେ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥ ବୋଲି ବିବେଚିତ ହେଉଥିବ ;

(ଆଇ) 'ସମର୍ଥ ବ୍ୟକ୍ତି' ବୋଇଲେ ଜନୈକ ସମାଜ-କର୍ମୀ ବା ଅନ୍ୟ କୌଣସି ବ୍ୟକ୍ତି ଯେ କି ଏକ ବାଳୁତର ଦାୟିତ୍ୱ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବେ ଏବଂ ବାଳୁତର ଯତ୍ନ ନେବା ଓ ବହନ କରିବା ପାଇଁ ସମର୍ଥ ଅଟନ୍ତି ବୋଲି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିବେଚିତ ହେଇଥିବେ ;

(ଜେ) ଏକ ବାଳୁତ ସଂନ୍ଦର୍ଭରେ 'ଅଭିଭାବକ' କହିଲେ, ତା'ର ପ୍ରକୃତ ଅଭିଭାବକ ବା ଅନ୍ୟ କୌଣସି ବ୍ୟକ୍ତି ଯାହାଙ୍କ ଦାୟିତ୍ୱ ବା ନିୟନ୍ତ୍ରଣ ଅଧୀନରେ ବାଳୁତ ରହିଛି ଏବଂ ଯାହାଙ୍କୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ତାଙ୍କ ଅଧୀନରେ ଚାଲୁଥିବା କୌଣସି କାର୍ଯ୍ୟବିଧି ପରିପ୍ରେକ୍ଷୀରେ ଜଣେ ଅଭିଭାବକର ମାନ୍ୟତା ଦେଇଛନ୍ତି ;

(କେ) 'କିଶୋର' ବା 'ବାଳୁତ'ର ଅର୍ଥ ସେହି ବ୍ୟକ୍ତି ଯେ କି ଅଠର ବର୍ଷ ବୟସ ଅତିକ୍ରମ କରି ନଥିବେ ;

(ଏଲ୍) 'ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ଥ କିଶୋର'ର ଅର୍ଥ ସେହି କିଶୋର ଯେ କି ଏକ ଅପରାଧ କରିଥିବାର ଅଭିଯୋଗ ହୋଇଛି ଏବଂ ଉକ୍ତ ଅପରାଧ ଘଟିବା ଦିନ ତାଙ୍କୁ ଅଠର ବର୍ଷ ପୂରି ନଥିଲା ।

(ଏମ୍) - - - - - - -

(ଏନ୍) 'ନିଶା-ବର୍ଦ୍ଧକ ଔଷଧ' ଓ 'ଉନ୍ମାଦକ ସାମଗ୍ରୀ'ର ଅର୍ଥ ତାହା, ଯାହା କି ନିଶା-ବର୍ଦ୍ଧକ ଔଷଧ ଏବଂ ଉନ୍ମାଦକ ସାମଗ୍ରୀ ଆଇନ୍, ୧୯୮୫ରେ ନ୍ୟସ୍ତ କରାଯାଇଛି ;

(ଓ) 'ପରିବେକ୍ଷଣ ଗୃହ'ର ଅର୍ଥ ରାଜ୍ୟ ସରକାର ବା ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ସ୍ଥାପିତ ହୋଇଥିବା ଏକ ଗୃହ, ଯାହା କି ରାଜ୍ୟ ସରକାରଙ୍କ ଦ୍ୱାରା ଧାରା ୮ ଅଧୀନରେ 'ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର' ମାନଙ୍କ ନିମନ୍ତେ ଏକ ପର୍ଯ୍ୟବେକ୍ଷଣ ଗୃହ ରୂପେ ସ୍ୱୀକୃତି ଲାଭ କରିଛି ;

(ପି) 'ଅପରାଧ'ର ଅର୍ଥ ସଂପ୍ରତି ବଳବତ୍ତର ଥିବା କୌଣସି ଆଇନ୍ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ;

(କ୍ୟୁ) 'ନିରାପଦ ସ୍ଥାନ'ର ଅର୍ଥ ଯେ କୌଣସି ସ୍ଥାନ ବା ଅନୁଷ୍ଠାନ (କିନ୍ତୁ ଏକ ପୋଲିସ୍ ହାଜତ ବା ଜେଲ୍ ନୁହେଁ), ଯାହାର ଦାୟିତ୍ୱନିର୍ବାହୀ ବ୍ୟକ୍ତି ଅସ୍ଥାୟୀ ଭାବେ ସଂପୃକ୍ତ କିଶୋରର ଯତ୍ନ ନେବାକୁ ଏବଂ ବହନ କରିବାକୁ ଇଚ୍ଛୁକ ଅଛନ୍ତି ଏବଂ ଏବଂ ଯାହାକି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ମତରେ କିଶୋରମାନଙ୍କ ପାଇଁ ଏକ ନିରାପଦ ସ୍ଥାନ ଅଟେ ;

(ଆର୍) 'ବିହିତ' ବୋଇଲେ ଏହି ଆଇନ୍ ଅଧିନରେ ପ୍ରଣୀତ ହୋଇଥିବା ନିୟମାବଳୀ ଦ୍ୱାରା ବିହିତ କରାଯିବା ;

(ଏସ୍) 'ପରିବୀକ୍ଷା ଅଧିକାରୀ'ର ଅର୍ଥ ସେହି ଅଧିକାରୀ, ଯେ କି ଅପରାଧୀଙ୍କ ପରିବୀକ୍ଷା ଆଇନ୍, ୧୯୫୮ (୧୯୫୮ର ସଂଖ୍ୟା ୨୦) ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିବୀକ୍ଷା ଅଧିକାରୀ ରୂପେ ନିଯୁକ୍ତ ହୋଇଥିବେ ;

(ଟି) 'ସର୍ବସାଧାରଣ ସ୍ଥାନ' ସେହି ଅର୍ଥ ବହନ କରିବ, ଯାହାକି ଅନୈତିକ କାରବାର (ନିବାରଣ) ଆଇନ୍, ୧୯୫୬ (୧୯୫୬ର ସଂଖ୍ୟା ୧୦୪) ରେ ଏହା ଉପରେ ନ୍ୟସ୍ତ କରାଯାଇଛି ।

(ୟୁ) 'ଆଶ୍ରୟ ଗୃହ'ର ଅର୍ଥ ଧାରା ୩୭ ଅଧୀନରେ ସ୍ଥାପିତ ହୋଇଥିବା ଏକ ଗୃହ ବା ସାମୟିକ ରହଣି ସ୍ଥଳ ;

(ଭି) 'ସ୍ୱତନ୍ତ୍ର ଗୃହ'ର ଅର୍ଥ ଏକ ରାଜ୍ୟ ସରକାର ଅଥବା ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ସ୍ଥାପିତ ହୋଇଥିବା ଏକ ଅନୁଷ୍ଠାନ ଯାହାକି ଧାରା ୯ ଅଧୀନରେ ସେହି ସରକାରଙ୍କ ଠାରୁ ସ୍ୱୀକୃତି ଲାଭ କରିଥିବ ;

(ଡବ୍ଲୁ)'ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍'ର ଅର୍ଥ କିଶୋର ବା ବାଳୁତମାନଙ୍କୁ ସମ୍ଭାଳିବା ପାଇଁ ଧାରା ୬୩ ଅଧିନରେ ପଦନାମିତ ହୋଇଥିବା ରାଜ୍ୟ ପୋଲିସ୍ ବାହିନୀର ଏକ ୟୁନିଟ୍ ;

(ଏକ୍ସ) ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ସନ୍ଦର୍ଭରେ 'ରାଜ୍ୟ ସରକାର'ର ବୋଇଲେ ସମ୍ବିଧାନର ଧାରା ୨୩୯ ଅଧୀନରେ ରାଷ୍ଟ୍ରପତିଙ୍କ ଦ୍ୱାରା ସେହି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିଯୁକ୍ତ ହୋଇଥିବା ପ୍ରଶାସକ ;

(ଓ୍ୱାଇ) ଏହି ଆଇନ୍‌ରେ ବ୍ୟବହୃତ ହୋଇଥିବା ଅଥଚ ସଂଜ୍ଞାପ୍ରାପ୍ତ ହୋଇନଥିବା ସମସ୍ତ ଶବ୍ଦ ଏବଂ ଅଭିବ୍ୟକ୍ତିଗୁଡିକ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ସଂଖ୍ୟା ୨)ରେ ସଂଜ୍ଞାୟିତ ହୋଇଛି, ସେଗୁଡିକ ଭିତରୁ ପ୍ରତ୍ୟେକ ଯଥାକ୍ରମେ ସେହି ଅର୍ଥ ବହନ କରିବ, ଯାହାକି ଉକ୍ତ ସଂହିତାରେ ନ୍ୟସ୍ତ କରାଯାଇଛି ।

୩. **ଯେଉଁମାନେ କୈଶୋର ଅତିକ୍ରମ କରି ସାରିଥିବେ, ସେମାନଙ୍କ କ୍ଷେତ୍ରରେ ତଦନ୍ତ ଚାଲୁରଖିବା:** ଯେଉଁ କ୍ଷେତ୍ରରେ ଆଇନ୍ ସହିତ ଗୋଟିଏ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ଏକ ବାଳୁତ ବିରୁଦ୍ଧରେ ଏକ ଅନୁସନ୍ଧାନ ଆରମ୍ଭ ହୋଇସାରିଛି, ଏବଂ ଅନୁସନ୍ଧାନ ପ୍ରକ୍ରିୟା କାଳରେ ସେହି କିଶୋର ବା ବାଳୁତ ନିଜର କୈଶୋର ବା ବାଲ୍ୟାବସ୍ଥା ଅତିକ୍ରମ କରିଯାଆନ୍ତି, ତେବେ ସେପରି କ୍ଷେତ୍ରରେ ଏହି ଆଇନ୍ ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍ ଅଧୀନରେ ଯାହା କିଛି ବ୍ୟବସ୍ଥା ଥାଉନା କାହିଁକି, ସେହି ବ୍ୟକ୍ତିଙ୍କ ସଂପର୍କରେ ଉପରୋକ୍ତ ଅନୁସନ୍ଧାନକୁ ବଜାୟ ରଖାଯାଇପାରେ ତଥା ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ଏପରି ଏକ ଆଦେଶ ଜାରି କରାଯାଇ ପାରେ, ସତେ ଯେମିତି ସେହି ବ୍ୟକ୍ତି ଏବେ ସୁଦ୍ଧା କିଶୋର ବା ବାଳୁତ ଅବସ୍ଥାରେ ରହି ଆସିଛନ୍ତି ।

# ଦ୍ୱିତୀୟ ଅଧ୍ୟାୟ
# ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର

**୪. କିଶୋର ନ୍ୟାୟ ପରିଷଦ:**

(୧) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ରେ ଯାହାକିଛି ସୂଚୀତ ହୋଇଥାଉନା କାହିଁକି, ରାଜ୍ୟସରକାର କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ବର୍ଷକ ଭିତରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ପ୍ରତି ଜିଲ୍ଲା ପାଇଁ ଏକ ବା ଏକାଧିକ କିଶୋର ନ୍ୟାୟ ପରିଷଦ ଗଠନ କରିପାରନ୍ତି, ଏବଂ ଏହି ପରିଷଦଗୁଡିକ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସନ୍ଦର୍ଭରେ ସେହିସବୁ କ୍ଷମତା ପ୍ରୟୋଗ କରିବେ ଏବଂ ସେହିସବୁ ଦାୟିତ୍ୱ ସମ୍ପାଦନ କରିବେ, ଯାହାକି ଏହି ଆଇନ୍ ଅନୁଯାୟୀ ଉକ୍ତ ପରିଷଦଗୁଡିକ ଉପରେ ଅର୍ପିତ ବା ନ୍ୟସ୍ତ କରାଯାଇଛି ।

(୨) ଗୋଟିଏ ପରିଷଦ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଅନ୍ତତଃ ଜଣେ ମହିଳା ସମେତ ଦୁଇଜଣ ସମାଜ କର୍ମୀଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କୁ ନେଇ ଏକ ବିଚାରପୀଠ କାର୍ଯ୍ୟ କରିବ, ଏବଂ ଏତାଦୃଶ ପ୍ରତି ବିଚାରପୀଠଙ୍କର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨) ବଳରେ ଯଥାସ୍ଥିତି ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଜଣେ ପ୍ରଥମ ଶ୍ରେଣୀ ବିଚାରବଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ହୋଇଥାଏ, ଏବଂ ପରିଷଦରେ ଥିବା ମାଜିଷ୍ଟ୍ରେଟ୍‌ଙ୍କୁ ମୁଖ୍ୟ ମାଜିଷ୍ଟ୍ରେଟ୍ ନାମରେ ପଦନାମିତ କରାଯିବ ।

(୩) ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ସମ୍ବନ୍ଧରେ ସବିଶେଷ ଜ୍ଞାନ ବା ପ୍ରଶିକ୍ଷଣ ନଥିବା କୌଣସି ମାଜିଷ୍ଟ୍ରେଟ୍‌ଙ୍କୁ ପରିଷଦର ସଦସ୍ୟ ଭାବେ ନିଯୁକ୍ତ କରାଯିବ ନାହିଁ, ଏବଂ ବାଳୁତମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟାବଳୀରେ ଅନ୍ତତଃ ସାତବର୍ଷ ଧରି ସକ୍ରିୟ ଭାବେ ଜଡ଼ିତ ହୋଇ ନଥିବା କୋଣସି ସମାଜକର୍ମୀଙ୍କୁ ପରିଷଦର ସଦସ୍ୟ ଭାବରେ ନିଯୁକ୍ତ କରାଯିବ ନାହିଁ ।

(୪) ପରିଷଦର ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ଏଭଳି ସଦସ୍ୟମାନଙ୍କ ଇସ୍ତଫା ଦେବାର ପ୍ରକ୍ରିୟା ତାହାହିଁ ହେବ, ଯାହାକି ବିହିତ କରାଯାଇପାରେ ।

(୫) ରାଜ୍ୟ ସରକାର ଏକ ଅନୁସନ୍ଧାନ କଲା ପରେ ପରିଷଦର ଜଣେ ସଦସ୍ୟଙ୍କ ନିଯୁକ୍ତିକୁ ବାତିଲ୍ କରିପାରନ୍ତି, ଯଦି-

୧. ସେ ଏହି ଆଇନ୍ ଅଧୀନରେ ନ୍ୟସ୍ତ କ୍ଷମତାର ଅପବ୍ୟବହାର କାରଣରୁ ଦୋଷୀ ବୋଲି ସାବ୍ୟସ୍ତ ହୁଅନ୍ତି,

୨. ନୈତିକ ଭ୍ରଷ୍ଟତା ଜଡିତ ଥିବା ଏକ ଅପରାଧରେ ସେ ଦୋଷସିଦ୍ଧ ହୋଇଥାନ୍ତି ଏବଂ ଏପରି ଏକ ଦୋଷସିଦ୍ଧି ପ୍ରତ୍ୟାହୃତ ହୋଇ ନଥାଏ ବା ସଂପୃକ୍ତ ଅପରାଧ ପରିପ୍ରେକ୍ଷୀରେ ତାଙ୍କୁ ସଂପୂର୍ଣ୍ଣ କ୍ଷମା ମଞ୍ଜୁର କରାଯାଇ ନଥାଏ ,

୩. କୌଣସି ଯଥାର୍ଥ କାରଣ ନ ଥାଇ ସେ ଲଗାତାର ତିନିମାସ ଧରି ପରିଷଦର କାର୍ଯ୍ୟଧାରାରେ ଯୋଗ ଦେବାରେ ବିଫଳ ହୁଅନ୍ତି ବା ଗୋଟିଏ ବର୍ଷ ଭିତରେ ଅନୁଷ୍ଠିତ ହୋଇଥିବା ପରିଷଦର ସମୁଦାୟ ବୈଠକ ସଂଖ୍ୟାର ତିନି-ଚତୁର୍ଥାଂଶରୁ ମଧ୍ୟ କମ୍ ବୈଠକରେ ଯୋଗଦେବାରେ ବିଫଳ ହୁଅନ୍ତି ।

**୫. ପରିଷଦ ସମ୍ପର୍କୀତ କାର୍ଯ୍ୟପ୍ରକ୍ରିୟା ଇତ୍ୟାଦି-**

(୧) ପରିଷଦର ବୈଠକ ସେହିସବୁ ସମୟରେ ଅନୁଷ୍ଠିତ ହେବ ଏବଂ ବୈଠକଗୁଡ଼ିକର କାର୍ଯ୍ୟସୂଚୀର ନିର୍ବାହନ ସଂକ୍ରାନ୍ତରେ ସେହିସବୁ କାର୍ଯ୍ୟବିଧି-ଗତ ନିୟମାବଳୀକୁ ପରିଷଦ ଅନୁସରଣ କରିବେ, ଯାହାକି ବିହିତ କରାଯାଇପାରେ ।

(୨) ପରିଷଦର ବୈଠକ ବସି ନଥିବା ସମୟରେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଏକ ବାଳକକୁ ପରିଷଦର ସଦସ୍ୟ ଥିବା ଜଣେ ବ୍ୟକ୍ତିଙ୍କ ସମ୍ମୁଖରେ ହାଜର କରାଯାଇପାରେ ।

(୩) ପରିଷଦର କୌଣସି ଜଣେ ସଦସ୍ୟ ଅନୁପସ୍ଥିତ ଥଲେ ବି ପରିଷଦ କାର୍ଯ୍ୟ କରିପାରିବେ, ଏବଂ ପରିଷଦ ଜାରି କରିଥିବା କୌଣସି ଆଦେଶ କେବଳ ଏହି କାରଣରୁ ବିଧିମାନ୍ୟତା ହରାଇବ ନାହିଁ ଯେ, କାର୍ଯ୍ୟଧାରାର କୌଣସି ନା କୌଣସି ପର୍ଯ୍ୟାୟରେ କୌଣସି ନା କୌଣସି ସଦସ୍ୟ ଅନୁପସ୍ଥିତ ଥିଲେ:

**ପରନ୍ତୁ,** ସଂପୃକ୍ତ ମାମଲାର ଚୂଡ଼ାନ୍ତ ଫଇସଲା ସମୟରେ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ ସହିତ ଅନ୍ତତଃ ଦୁଇଜଣ ସଦସ୍ୟ ଉପସ୍ଥିତ ରହିଥିବେ ।

(୪) ମଧ୍ୟବର୍ତ୍ତୀ ବା ଚୂଡ଼ାନ୍ତ ଫଇସଲା ସମୟରେ ପରିଷଦର ସଦସ୍ୟମାନଙ୍କ ମଧ୍ୟରେ କୌଣସି ମତଭେଦ ଦେଖା ଦେଲେ, ସଂଖ୍ୟାଗରିଷ୍ଠଙ୍କ ମତ ହିଁ ପ୍ରାଧାନ୍ୟ ହାସଲ କରିବ, କିନ୍ତୁ ଯେଉଁ କ୍ଷେତ୍ରରେ ସଂଖ୍ୟାଗରିଷ୍ଠ ମତର ଅଭାବ ଥିବ, ସେପରି କ୍ଷେତ୍ରରେ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ ମତ ପ୍ରାଧାନ୍ୟ ହାସଲ କରିବ ।

**୬. କିଶୋର ନ୍ୟାୟ ପରିଷଦର କ୍ଷମତାବଳୀ-**

(୧) ଏହି ଆଇନ୍ ଅଧୀନରେ ସୁସ୍ପଷ୍ଟ ଭାବେ କୌଣସି ଭିନ୍ନାର୍ଥ ବୋଧକ ବ୍ୟବସ୍ଥା ସ୍ଥାନିତ ହୋଇଥିଲେ, ତାହାର ବ୍ୟତିରେକ ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ସୂଚୀତ ହୋଇଥାଉନା କାହିଁକି, ଯେଉଁସ୍ଥଳେ କୌଣସି ଜିଲ୍ଲା ପାଇଁ ଗୋଟିଏ ପରିଷଦ ଗଢାଯାଇଛି, ସେପରି ସ୍ଥଳେ ଏତାଦୃଶ ଏକ ପରିଷଦ କେବଳ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସମ୍ବନ୍ଧରେ ଏହି ଆଇନ୍‌ରେ ସ୍ଥାନିତ ସମସ୍ତ କାର୍ଯ୍ୟବିଧିକୁ ପରିଚାଳନା କରିବା ପାଇଁ କ୍ଷମତାପ୍ରାପ୍ତ ରହିବେ ।

(୨) ଏହି ଆଇନ୍ ବଳରେ ବା ଏହି ଆଇନ୍ ଅଧୀନରେ ପରିଷଦଙ୍କୁ ଯେଉଁସବୁ କ୍ଷମତା ନ୍ୟସ୍ତ କରାଯାଇଛି, ସେପରି କ୍ଷମତାମାନ ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ) ଏବଂ ଦୌରା ଅଦାଲତ (କୋର୍ଟ ଅଫ୍ ସେସନ୍‌ସ) ମଧ୍ୟ ପ୍ରୟୋଗ କରିପାରିବେ, ଯଦି ଅପିଲ୍, ପୁନରୀକ୍ଷଣ (ରିଭିଜନ୍) ବା ଅନ୍ୟ ପ୍ରକାରେ କୌଣସି କାର୍ଯ୍ୟବିଧି ସେମାନଙ୍କ ସମ୍ମୁଖରେ ଆଗତ ହୋଇଥାଏ ।

**୭. ଏହି ଆଇନ୍ ଅଧିନରେ କ୍ଷମତାପ୍ରାପ୍ତ ହୋଇନଥିବା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷେ ଅନୁସରଣୀୟ କାର୍ଯ୍ୟପ୍ରକ୍ରିୟା-**

(୧) ଯେଉଁସ୍ଥଳେ ଏହି ଆଇନ୍ ଅଧୀନରେ ପରିଷଦର କ୍ଷମତା ପ୍ରୟୋଗ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇନଥିବା ଜଣେ ମାଜିଷ୍ଟ୍ରେଟ୍ ହୃଦ୍‌ବୋଧ କରନ୍ତି ଯେ, ତାଙ୍କ ସମ୍ମୁଖରେ ଏହି ଆଇନ୍‌ର କୌଣସି ବ୍ୟବସ୍ଥା ଅନୁଯାୟୀ (ସାକ୍ଷ୍ୟ ଦେବା ଉଦ୍ଦେଶ୍ୟ ବ୍ୟତୀତ) ହାଜର କରାଯାଇଥିବା ବ୍ୟକ୍ତି ଜଣକ ଏକ କିଶୋର ବା ବାଳୁତ ଅଟନ୍ତି, ତେବେ ସେ ଅବିଳମ୍ବେ ତାଙ୍କର ଏହି ମତକୁ ଲିପିବଦ୍ଧ କରିବେ ଏବଂ ସେଭଳି କିଶୋର ବା ବାଳୁତଙ୍କୁ ତଥା ସଂପୃକ୍ତ କାର୍ଯ୍ୟବିଧିର ରେକର୍ଡକୁ ସଂପୃକ୍ତ କାର୍ଯ୍ୟବିଧି ଉପରେ କ୍ଷେତ୍ରାଧିକାର ଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୨) ଉପଧାରା (୧) ଅଧୀନରେ ଯେଉଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ କାର୍ଯ୍ୟବିଧି ଅଭିପ୍ରେରିତ ହୋଇଥିବ, ସେ ଏକ ଅନୁସନ୍ଧାନ କରାଇବେ, ଠିକ୍ ସେହିମତେ, ସତେ ଯେପରି ଉକ୍ତ କିଶୋର ବା ବାଳୁତକୁ ତାଙ୍କ ନିକଟରେ ମୂଳରୁ ହାଜର କରାଯାଇଛି ।

**୭ଏ. ଅଦାଲତଙ୍କ ସାମନାରେ କୈଶୋରବସ୍ଥା ସମ୍ବନ୍ଧରେ କୌଣସି ଦାବୀ ଉତ୍‌ଥାପିତ ହୋଇଥିଲେ, ଅନୁସରଣୀୟ କାର୍ଯ୍ୟପ୍ରକ୍ରିୟା-**

(୧) ଯେଉଁସ୍ଥଳେ ଗୋଟିଏ ଅଦାଲତଙ୍କ ସାମନାରେ କୈଶୋରବସ୍ଥା ସମ୍ବନ୍ଧରେ କୌଣସି ଦାବୀ ଉତ୍‌ଥାପିତ ହୋଇଥିବ, ବା ଗୋଟିଏ ଅଦାଲତଙ୍କ ମତରେ ଅପରାଧ ଘଟିଥିବା ତାରିଖରେ ଅଭିଯୁକ୍ତ ବ୍ୟକ୍ତି ଜଣକ ଗୋଟିଏ କିଶୋର ଥିଲେ, ତେବେ ଅଦାଲତ ଏକ ଅନୁସନ୍ଧାନ କରାଇବେ, ଉକ୍ତ ବ୍ୟକ୍ତିଙ୍କର ବୟସ ଆକଳନ ଉଦ୍ଦେଶ୍ୟରେ ପ୍ରମାଣ (କିନ୍ତୁ ଏକ ଆଫିଡେଭିଟ୍ ବା ସତ୍ୟପାଠ ନୁହେଁ) ସଂଗ୍ରହ କରିବେ, ଏବଂ ଉକ୍ତ ବ୍ୟକ୍ତି ଜଣେ କିଶୋର ବା ବାଳୁତ କି ନୁହେଁ, ସେ ବିଷୟରେ ନିଜର ସିଦ୍ଧାନ୍ତ ସହ ଉକ୍ତ ବ୍ୟକ୍ତିଙ୍କର ଯଥାସମ୍ଭବ ପ୍ରକୃତ ବୟସ ଲିପିବଦ୍ଧ କରିବେ :

**ପରନ୍ତୁ,** କୈଶୋରବସ୍ଥା ସମ୍ବନ୍ଧରେ ଗୋଟିଏ ଦାବୀ ଯେ କୌଣସି ଅଦାଲତଙ୍କ ସାମନାରେ ଉତ୍‌ଥାପିତ ହୋଇ ପାରିବ ଏବଂ ଯେ କୌଣସି ପର୍ଯ୍ୟାୟରେ ଏହି ଦାବୀକୁ ବିଚାରକୁ ନିଆଯିବ, ଏପରିକି ମାମଲାର ଚୂଡ଼ାନ୍ତ ଫଇସଲା ଘଟିବା ପରେ ମଧ୍ୟ; ଏବଂ ଏପରିକି ଏହି ଆଇନ୍‌ର ପ୍ରାରମ୍ଭ ତାରିଖରେ ବା ତା ପୂର୍ବରୁ ସଂପୃକ୍ତ କିଶୋର ଜଣକ କୈଶୋରାବସ୍ଥା ଅତିକ୍ରମ କରିସାରିଥିଲେ ମଧ୍ୟ ଏହି ଆଇନ୍ ଏବଂ ଏହା ଅଧୀନରେ ପ୍ରଣୀତ ନିୟମାବଳୀରେ ସ୍ଥାନିତ ବ୍ୟବସ୍ଥାସମୂହ ଅନୁଯାୟୀ ଉକ୍ତ ଦାବୀର ଯଥାର୍ଥତା ନିର୍ଣ୍ଣୟ କରାଯିବ;

(୨) ଯଦି ଅଦାଲତଙ୍କର ହୃଦ୍‌ବୋଧ ହୁଏ ଯେ, ଉପଧାରା (୧) ଅଧୀନରେ ଅପରାଧ ଘଟିଥିବା ତାରିଖରେ ସଂପୃକ୍ତ ବ୍ୟକ୍ତି ଜଣକ ଗୋଟିଏ କିଶୋର ଥିଲେ, ତେବେ ସେ ପରିଷଦଙ୍କ ଦ୍ୱାରା ଏକ ଯଥୋଚିତ ଆଦେଶ ଜାରି କରାଇବା ପାଇଁ ତାଙ୍କୁ ପରିଷଦଙ୍କ ନିକଟକୁ ଅଭିପ୍ରେରଣ କରିବେ, ଏବଂ ଯଦି ଅଦାଲତଙ୍କ ଦ୍ୱାରା କୌଣସି ଦଣ୍ଡାଦେଶ ଜାରି କରାଯାଇଥାଏ, ତାହାର କୌଣସି ପ୍ରଭାବ ରହିବ ନାହିଁ ।

**୮. ପରିବେକ୍ଷଣ ଗୃହ -**

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସମ୍ବନ୍ଧରେ ଏହି ଆଇନ୍ ଅନୁଯାୟୀ ଏକ ଅନୁସନ୍ଧାନ ଚାଲୁ ରହିଥିବା ସମୟରେ ସେମାନଙ୍କ ସାମୟିକ ଅବସ୍ଥାନ ପାଇଁ ପ୍ରତି ଜିଲ୍ଲାରେ ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଆବଶ୍ୟକ ହେଉଥିବା ପରିବେକ୍ଷଣ ଗୃହମାନ ଯେ କୌଣସି ରାଜ୍ୟ ସରକାର ନିଜେ ଅଥବା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହ ରାଜିନାମା କ୍ରମେ ସ୍ଥାପନା ଏବଂ ରକ୍ଷଣାବେକ୍ଷଣ କରାଇବେ ।

(୨) ଯେଉଁସ୍ଥଳେ ରାଜ୍ୟ ସରକାରଙ୍କ ମତରେ, ଉପଧାରା (୧) ଅଧୀନରେ ସ୍ଥାପିତ ବା ପରିଚାଳିତ ହେଉଥିବା ଏକ ଗୃହ ବ୍ୟତିରେକ ଅନ୍ୟ କୌଣସି ଏକ ଅନୁଷ୍ଠାନ, ଯାହାକି ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସମ୍ପର୍କରେ ଏହି ଆଇନ୍ ଅଧୀନରେ ଅନୁସନ୍ଧାନ ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ସେମାନଙ୍କର ସାମୟିକ ଅବସ୍ଥାନ ପାଇଁ ଉପଯୁକ୍ତ ଅଟେ, ତାକୁ ଏହି ଆଇନ୍‌ର ଉଦ୍ଦେଶ୍ୟାର୍ଥେ ଏକ ପରିବେକ୍ଷଣ ଗୃହ ରୂପେ ସ୍ୱୀକୃତି ପ୍ରଦାନ କରିପାରନ୍ତି ।

(୩) ଜଣେ କିଶୋରର ଥଇଥାନ ଓ ସାମାଜିକ ପୁନର୍ମିଳନ ନିମନ୍ତେ ଉଦ୍ଦିଷ୍ଟ ସେବାସମୂହର ମାନଦଣ୍ଡ ଓ ଗୁଣାତ୍ମକତା ସମେତ ପରିବେକ୍ଷଣ ଗୃହଗୁଡ଼ିକର ପରିଚାଳନା ବିଷୟରେ ରଜ୍ୟସରକାର ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିପାରନ୍ତି ତଥା କେଉଁସବୁ ପରିସ୍ଥିତିରେ ଏବଂ କେଉଁ ପଦ୍ଧତିରେ ଗୋଟିଏ ପରିବେକ୍ଷଣ ଗୃହକୁ ସ୍ୱୀକୃତିର ମଞ୍ଜୁରି ବା ପ୍ରତ୍ୟାହାର କରାଯିବ, ସେ ବିଷୟରେ ମଧ୍ୟ ଏହି ନିୟମାବଳୀରେ ସ୍ଥାନିତ ହୋଇପାରେ ।

(୪) ପ୍ରତି କିଶୋର, ଯାହାକୁ ପିତାମାତା ବା ଅଭିଭାବକଙ୍କ ଦାୟିତ୍ୱରେ ନ୍ୟସ୍ତ କରାଯାଇନଥାଏ ଏବଂ ଯାହାକୁ ଏକ ପରିବେକ୍ଷଣ ଗୃହକୁ ପଠାଯାଇଥାଏ, ତାକୁ ପ୍ରଥମେ ପ୍ରାରମ୍ଭିକ ଅନୁସନ୍ଧାନ, ଯତ୍ନ ଏବଂ ବୟସ-ଭିତ୍ତିକ ବର୍ଗୀକରଣ ନିମନ୍ତେ ପରିବେକ୍ଷଣ ଗୃହର ଅଭ୍ୟର୍ଥନା ଶାଖାରେ ରଖାଯିବ; ଏହି ବୟସ-ଭିତ୍ତିକ ବର୍ଗୀକରଣ, ଯଥା ସାତବର୍ଷରୁ ବାରବର୍ଷ, ବାରବର୍ଷରୁ ଷୋଳବର୍ଷ ଏବଂ ଷୋଳବର୍ଷରୁ ଅଠରବର୍ଷ ଅନୁଯାୟୀ କରାଯିବା ସହିତ ସଂପୃକ୍ତ କିଶୋରର ଶାରିରୀକ ଓ ମାନସିକ ସ୍ଥିତି ଏବଂ ସଂଘଟିତ ଅପରାଧର ମାତ୍ରାକୁ ଯଥୋଚିତ ଭାବେ ବିଚାରକୁ ନିଆଯିବ, ଯାହାକୁ ଭିତ୍ତିକରି ପରିବେକ୍ଷଣ ଗୃହରେ ତାକୁ ଭର୍ତ୍ତି କରାଯାଇପାରେ ।

**୯. ସ୍ୱତନ୍ତ୍ର ଗୃହମାନ -**

(୧) ଏହି ଆଇନ୍ ଅଧୀନରେ ଯେ କୌଣସି ରାଜ୍ୟ ସରକାର ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ସାମୟିକ ରହଣି ଏବଂ ଥଇଥାନ ପାଇଁ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଗୃହମାନ ନିଜେ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ରାଜିନାମା ଭିତ୍ତିରେ ପ୍ରତ୍ୟେକ ଜିଲ୍ଲା ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ସ୍ଥାପନା ଓ ପରିଚାଳନା କରିପାରନ୍ତି ।

(୨) ଯେଉଁସ୍ଥଳେ ରାଜ୍ୟ ସରକାରଙ୍କ ମନେ କରିବେ ଯେ, ଉପଧାରା(୧) ଅଧିନରେ ସ୍ଥାପିତ ବା ପରିଚାଳିତ ଏକ ଗୃହକୁ ବାଦ୍ ଦେଇ ଅନ୍ୟ ଏପରି ଏକ ଅନୁଷ୍ଠାନ ଅଛି, ଯେଉଁ ଠାକୁ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କୁ ରହଣି ଉଦ୍ଦେଶ୍ୟରେ ପଠାଯାଇପାରେ, ତେବେ ସେ ଆଇନ୍‌ର ଉଦ୍ଦେଶ୍ୟାର୍ଥେ ଉକ୍ତ ଅନୁଷ୍ଠାନକୁ ଏକ ସ୍ୱତନ୍ତ୍ର ଗୃହ ରୂପେ ସ୍ୱୀକୃତି ଦେଇପାରନ୍ତି ।

(୩) ସ୍ୱତନ୍ତ୍ର ଗୃହମାନଙ୍କ ଦ୍ୱାରା ଗୋଟିଏ କିଶୋରର ପୁନଃ-ସାମାଜିକୀକରଣ ପାଇଁ ଆବଶ୍ୟକ ହେଉଥିବା ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସ୍ୱତନ୍ତ୍ର ଗୃହମାନଙ୍କର ପରିଚାଳନା ତଥା କେଉଁସବୁ ପରିସ୍ଥିତିରେ ଏବଂ କେଉଁ ପଦ୍ଧତିରେ ଗୋଟିଏ ସ୍ୱତନ୍ତ୍ର ଗୃହର ସ୍ୱୀକୃତିକୁ ମଞ୍ଜୁରି ବା ପ୍ରତ୍ୟାହାର କରାଯିବ, ସେ ବିଷୟରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରି ବ୍ୟବସ୍ଥା କରିପାରନ୍ତି ।

(୪) ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ବୟସ ଓ ସେମାନଙ୍କ ଦ୍ୱାରା ସଂଘଟିତ ଅପରାଧର ପ୍ରକୃତି ତଥା ପ୍ରତି କିଶୋରର ମାନସିକ ଓ ଶାରିରୀକ ସ୍ଥିତିକୁ ଭିତ୍ତିକରି ସେମାନଙ୍କର ବର୍ଗୀକରଣ ଏବଂ

ପୃଥକୀକରଣ ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ଉପଧାରା (୩) ଅନୁଯାୟୀ ପ୍ରଣୀତ ନିୟମାବଳୀରେ ସ୍ଥାନିତ ହୋଇପାରେ ।

**୧୦. ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରଙ୍କୁ ଗିରଫ-**

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ ପୋଲିସ ଦ୍ୱାରା ଗିରଫ କରାଯିବା ମାତ୍ରେ ଯଥାଶୀଘ୍ର ତାଙ୍କୁ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ସେଥିପାଇଁ ପଦନାମିତ ପୁଲିସ ଅଫିସରଙ୍କ ଦାୟିତ୍ୱରେ ନ୍ୟସ୍ତ କରାଯିବ, ଯେ କି କାଳବିଳମ୍ବ ନକରି ଯେଉଁସ୍ଥାନରେ ସଂପୃକ୍ତ କିଶୋରଙ୍କୁ ଗିରଫ କରାଗଲା, ସେଠାରୁ ପରିଷଦ ନିକଟକୁ ଯାତ୍ରା ପାଇଁ ଠିକ୍ ଯେତିକି ସମୟ ଲାଗିବ ତାହାକୁ ବାଦ୍ ଦେଇ ଗିରଫ କରିବାର ୨୪ ଘଣ୍ଟା ଭିତରେ ସଂପୃକ୍ତ କିଶୋରଙ୍କୁ ପରିଷଦ ନିକଟରେ ହାଜର କରାଇବେ :

**ପରନ୍ତୁ,** ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ କୌଣସି ସ୍ଥିତିରେ ବି ପୋଲିସ୍ ହାଜତରେ ରଖାଯିବ ନାହିଁ ବା ଜେଲ୍‌ରେ ଭର୍ତ୍ତି କରାଯିବ ନାହିଁ ।

(୨) ରାଜ୍ୟ ସରକାର ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ସହ ସଂଗତି ରକ୍ଷା କରି ନିମ୍ନୋକ୍ତ ବିଷୟମାନ ପାଇଁ ନିୟମାବଳୀ ପ୍ରସ୍ତୁତ କରିପାରନ୍ତି-

୧- ଯେଉଁ ବ୍ୟକ୍ତି (ଏଥିମଧ୍ୟରେ ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଙ୍ଗଠନସମୂହ ଅନ୍ତର୍ଭୁକ୍ତ)ମାନଙ୍କ ଜରିଆରେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋରଙ୍କୁ ପରିଷଦଙ୍କ ସମ୍ମୁଖରେ ହାଜର କରାଯାଇପାରେ ;

୨. ଯେଉଁ ପଦ୍ଧତିରେ ସେପରି କିଶୋରମାନଙ୍କୁ ଏକ ପରିବେକ୍ଷଣ ଗୃହକୁ ପ୍ରେରଣ କରା ଯାଇପାରେ ।

**୧୧. କିଶୋର ଉପରେ ଜିମାଦାରଙ୍କ ନିୟନ୍ତ୍ରଣ-**

ଏହି ଆଇନ୍‌ର ଅନୁପାଳନ କରିବାକୁ ଯାଇ ଯେଉଁ ବ୍ୟକ୍ତିଙ୍କ ହେପାଜତ୍‌ରେ ଜଣେ କିଶୋରଙ୍କୁ ନ୍ୟସ୍ତ କରାଯାଇଛି, ସେ ସଂପୃକ୍ତ ଆଦେଶ ବଳବତ୍ତର ଥିବା ପର୍ଯ୍ୟନ୍ତ ଉକ୍ତ କିଶୋରଙ୍କୁ ସେହି ପ୍ରକାରେ ନିଜର ନିୟନ୍ତ୍ରଣ ଅଧୀନରେ ରଖିବେ, ସତେ ଯେମିତି ସେ ନିଜେ ତାଙ୍କର ପିତା ବା ମାତା ହୋଇଥିଲେ କରିଥାନ୍ତେ, ଏବଂ ସେହି ବ୍ୟକ୍ତି ଉକ୍ତ କିଶୋରର ଭରଣପୋଷଣ ପାଇଁ ଉତ୍ତରଦାୟୀ ରହିବେ, ଏବଂ ଉକ୍ତ କିଶୋରଙ୍କର ପିତାମାତା ବା ଅନ୍ୟ କୌଣସି ବ୍ୟକ୍ତି ତାଙ୍କ ଉପରେ ନିଜର ଦାବୀ ଉତ୍‌ଥାପନ କରିବା ସତ୍ତ୍ୱେ, ଉକ୍ତ କିଶୋର ତାଙ୍କର ହେପାଜତ୍ ଅଧୀନରେ ସେହି ସମୟ-ଅବଧି ପାଇଁ ରହିବେ, ଯାହାକି ସଂପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୂଚୀତ ହୋଇଥିବ ।

**୧୨. କିଶୋରଙ୍କୁ ଜାମିନ୍ -**

(୧) ଯେଉଁସ୍ଥଳେ ଆପାତ ଦୃଷ୍ଟିରେ କିଶୋର ବୋଲି ମନେ ହେଉଥିବା କୌଣସି ବ୍ୟକ୍ତି ଏକ ଜାମିନ୍-ଯୋଗ୍ୟ ବା ଜାମିନ୍-ରହିତ ଅପରାଧରେ ଅଭିଯୁକ୍ତ ହୋଇଥିବା ହେତୁ ତାଙ୍କୁ ଗିରଫ ବା ଅଟକ କରାଯାଇଥାଏ ଅଥବା ଏକ ପରିଷଦ ସମ୍ମୁଖରେ ସେ ନିଜେ ହାଜର ହୁଅନ୍ତି ବା ତାଙ୍କୁ ହାଜର କରାଯାଇଥାଏ, ତେବେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨) ବା ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ସେପରି ବ୍ୟକ୍ତିଙ୍କୁ ଜମାନତ ସହିତ ବା

ଜମାନତ ବିନା ଖଲାସ କରି ଦିଆଯିବ, ନଚେତ୍ ଜଣେ ପରିବୀକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍ଥାନିତ କରାଯିବ ବା ଗୋଟିଏ ସମର୍ଥ ଅନୁଷ୍ଠାନ ବା ସମର୍ଥ ବ୍ୟକ୍ତିଙ୍କ ଯତ୍ନ ଅଧୀନରେ ରଖାଯିବ, କିନ୍ତୁ ତାଙ୍କୁ ଖଲାସ କରାଗଲେ ସେ କୌଣସି କୁଖ୍ୟାତ ଅପରାଧୀର ସଂସ୍ପର୍ଶରେ ଆସିପାରନ୍ତି ବା ସେ ନୈତିକ, ଶାରିରୀକ କିମ୍ବା ମନସ୍ତାତ୍ତ୍ୱିକ ବିପତ୍ତିର ଶିକାର ହୋଇପାରନ୍ତି ଅଥବା ତାଙ୍କୁ ଖଲାସ କରାଗଲେ ନ୍ୟାୟ ହାସଲର ଲକ୍ଷ୍ୟ ବିଫଳ ହୋଇଯିବ ବୋଲି ଆଶଙ୍କା ଉପୁଜିବାର ଯଦି ଯୁକ୍ତିଯୁକ୍ତ କାରଣ ଥାଏ, ତେବେ ତାଙ୍କୁ ଜାମିନ୍‌ରେ ଖଲାସ କରାଯିବ ନାହିଁ ।

(୨) ଯେଉଁସ୍ଥଳେ ଗିରଫ ହୋଇଥିବା ଉକ୍ତ ବ୍ୟକ୍ତିଙ୍କୁ ଥାନାର ଭାରପ୍ରାପ୍ତ ଅଫିସର୍ ଉପଧାରା (୧) ଅନୁଯାୟୀ ଜାମିନ୍‌ରେ ଖଲାସ ନକରନ୍ତି, ସେପରି ସ୍ଥଳେ ଉକ୍ତ ବ୍ୟକ୍ତିଙ୍କୁ ପରିଷଦ ସମ୍ମୁଖରେ ହାଜର କରାଇବା ପର୍ଯ୍ୟନ୍ତ ସଂପୃକ୍ତ ପୋଲିସ୍ ଅଫିସର୍ ତାଙ୍କୁ ବିହିତ ପଦ୍ଧତିରେ ଏକ ପରିବେକ୍ଷଣ ଗୃହରେ ରଖିବାର ବ୍ୟବସ୍ଥା କରାଇବେ ।

(୩) ଯେଉଁସ୍ଥଳେ ପରିଷଦ ଉକ୍ତ ବ୍ୟକ୍ତିଙ୍କୁ ଉପଧାରା (୧) ଅନୁଯାୟୀ ଜାମିନ୍‌ରେ ଖଲାସ ନକରନ୍ତି, ସେପରି ସ୍ଥଳେ ସେ ଉକ୍ତ ବ୍ୟକ୍ତିଙ୍କୁ ଜେଲ୍‌କୁ ନ ପଠାଇ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନକୁ ପ୍ରେରଣ କରିବା ଉଦ୍ଦେଶ୍ୟରେ ଏକ ଆଦେଶ ଜାରି କରିବେ, ଏବଂ ସଂପୃକ୍ତ ବ୍ୟକ୍ତିଙ୍କ ସମ୍ବନ୍ଧରେ ଯେ ପର୍ଯ୍ୟନ୍ତ ଅନୁସନ୍ଧାନ ସମାପ୍ତ ନହୋଇଛି, ସେହି ପର୍ଯ୍ୟାୟ ଭିତରେ ସେହି ସମୟ-ଅବଧି ପାଇଁ ଉକ୍ତ ବ୍ୟକ୍ତିଙ୍କୁ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନକୁ ପ୍ରେରଣ କରାଯିବ, ଯାହାକି ଆଦେଶରେ ବିହିତ ହୋଇଥିବ ।

**୧୩. ପିତାମାତା, ଅଭିଭାବକ ବା ପରିବୀକ୍ଷା ଅଫିସର୍‌ଙ୍କୁ ସୂଚନା-**

ଯେଉଁସ୍ଥଳେ ଜଣେ କିଶୋରକୁ ଗିରଫ କରାଯାଇଥିବ, ସେପରି ସ୍ଥଳେ ଥାନାର ଯେଉଁ ଭାରପ୍ରାପ୍ତ ପୁଲିସ୍ ଅଧିକାରୀ ବା ସ୍ୱତନ୍ତ୍ର କିଶୋର ପୁଲିସ୍ ୟୁନିଟ୍ ପାଖକୁ ତାଙ୍କୁ ଅଣାଯାଇଥିବ, ସେ ଗିରଫ ପରେ ଯଥାଶୀଘ୍ର ନିମ୍ନମତେ ସୂଚନା ଦେବେ -

(ଏ) ଯଦି ଉକ୍ତ କିଶୋରଙ୍କର ପିତା/ମାତା ବା ଅଭିଭାବକଙ୍କୁ ଠାବ କରାଯାଇପାରେ, ତେବେ ତାଙ୍କୁ ଏହି ଗିରଫ ସମ୍ପର୍କରେ ସୂଚୀତ କରିବେ ଏବଂ ସଂପୃକ୍ତ କିଶୋର ଯେଉଁ ପରିଷଦ ସମ୍ମୁଖରେ ହାଜର ହେବେ, ସେହି ପରିଷଦ ନିକଟରେ ଉପସ୍ଥିତ ହେବା ପାଇଁ ତାଙ୍କୁ ନିର୍ଦ୍ଦେଶ କରିବେ; ଏବଂ

(ବି) ଉକ୍ତ ଗିରଫ ସମ୍ବନ୍ଧରେ ପରିବୀକ୍ଷା ଅଧିକାରୀଙ୍କୁ ସୂଚୀତ କରିବେ, ଯାହା ଫଳରେ ସେ ସଂପୃକ୍ତ କିଶୋରଙ୍କର ଇତିବୃତ୍ତି ଏବଂ ପାରିବାରିକ ପୃଷ୍ଠଭୂମି ତଥା ପରିଷଦଙ୍କ ଅନୁସନ୍ଧାନ କାର୍ଯ୍ୟକୁ ସାହାଯ୍ୟ କଲାଭଳି ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟାବଳୀ ସଂଗ୍ରହ କରିବାରେ ସମର୍ଥ ହୋଇ ପାରିବେ ।

**୧୪. ପରିଷଦଙ୍କ ଦ୍ୱାରା କିଶୋର ସମ୍ବନ୍ଧରେ ଅନୁସନ୍ଧାନ-**

(୧) ଯେଉଁସ୍ଥଳେ କୌଣସି ଅପରାଧରେ ଅଭିଯୁକ୍ତ କରାଯାଇ ଜଣେ କିଶୋରଙ୍କୁ ପରିଷଦଙ୍କ ସମ୍ମୁଖରେ ହାଜର କରାଯାଇଥାଏ, ସେପରି ସ୍ଥଳେ ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ପରିଷଦ ଏକ ଅନୁସନ୍ଧାନ ଆୟୋଜନ କରିବେ ଓ ଉକ୍ତ କିଶୋରଙ୍କ ସମ୍ପର୍କରେ ଯାହା ଉପଯୁକ୍ତ ମନେକରିବେ, ସେହି ପ୍ରକାରେ ଆଦେଶ ଜାରି କରିବେ :

**ପରନ୍ତୁ,** ଯଦି ଗୋଟିଏ ମାମଲାର ସ୍ଥିତିକୁ ଲକ୍ଷ୍ୟକରି ପରିଷଦ ଅନୁସନ୍ଧାନର ସମୟ-ଅବଧିକୁ ବୃଦ୍ଧି ନ କରିଥାନ୍ତି ଏବଂ ସ୍ୱତନ୍ତ୍ର ମାମଲାଗୁଡିକ କ୍ଷେତ୍ରରେ ଏତାଦୃଶ ସମୟ-ଅବଧି ବୃଦ୍ଧି କରିବା ପୂର୍ବରୁ ତହିଁର କାରଣଗୁଡିକୁ ଲିଖିତଭାବେ ଲିପିବଦ୍ଧ କରି ନଥାନ୍ତି, ତେବେ ଏହି ଧାରା ଅନୁଯାୟୀ ଅନୁଷ୍ଠିତ ଏକ ଅନୁସନ୍ଧାନ ଏହାର ପ୍ରାରମ୍ଭ ତାରିଖଠାରୁ ଚାରିମାସର ସମୟ-ଅବଧି ମଧ୍ୟରେ ସମାପ୍ତ ହେବ ।

(୨) ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ପରିଷଦଙ୍କ ଠାରେ ଥିବା ମାମଲାଗୁଡିକର ବକେୟା ସ୍ଥିତିକୁ ପ୍ରତି ଛ ମାସରେ ଥରେ ସମୀକ୍ଷା କରିବେ, ଏବଂ ପରିଷଦଙ୍କୁ ଅଧିକ କ୍ଷିପ୍ରତର ଗତିରେ ନିଜର ବୈଠକଗୁଡିକୁ ଆୟୋଜନ କରାଇବା ପାଇଁ ନିର୍ଦ୍ଦେଶ ଦେବେ ଅଥବା ଅତିରିକ୍ତ ପରିଷଦମାନ ଗଠନ ପାଇଁ ବ୍ୟବସ୍ଥା କରାଇବେ ।

**୧୫. କିଶୋର ସମ୍ପର୍କରେ କେଉଁ ଆଦେଶ ଜାରି କରାଯାଇପାରେ-**

(୧) ଯେଉଁସ୍ଥଳେ ଗୋଟିଏ ପରିଷଦ ଅନୁସନ୍ଧାନ କଲାପରେ ହୃଦ୍‌ବୋଧ କରନ୍ତି ଯେ, ଅପରାଧଟି ଗୋଟିଏ କିଶୋର ଦ୍ୱାରା ଘଟିଛି, ସେପରି ସ୍ଥଳେ ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହା କିଛି ବ୍ୟବସ୍ଥା ଥାଉନା କାହିଁକି, ଯଦି ପରିଷଦ ଯଥାର୍ଥ ମନେକରନ୍ତି, ତେବେ ସେ ନିମ୍ନମତେ ଆଦେଶ ଦେଇପାରିବେ-

(ଏ) ପିତାମାତା, ଅଭିଭାବକ ଏବଂ ସଂପୃକ୍ତ କିଶୋରଙ୍କ ସମ୍ବନ୍ଧରେ ଯଥୋଚିତ ଅନୁସନ୍ଧାନ କରି ସେମାନଙ୍କ ସହ ପରାମର୍ଶ କଲାପରେ ଉକ୍ତ କିଶୋରଙ୍କୁ ଉପଦେଶ ଓ ଚେତାବନୀ ଦେଇ ଗୃହକୁ ଫେରିଯିବା ପାଇଁ ଅନୁମତି ଦେଇପାରନ୍ତି ;

(ବି) ସମୂହଙ୍କ ପାଇଁ ଉଦ୍ଦିଷ୍ଟ ପରାମର୍ଶ ବା ସେଭଳି କୌଣସି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସଂପୃକ୍ତ କିଶୋରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି ;

(ସି) ଗୋଷ୍ଠୀସେବା ସମ୍ପାଦନ ପାଇଁ ସଂପୃକ୍ତ କିଶୋରଙ୍କୁ ଆଦେଶ ଦେଇପାରନ୍ତି ;

(ଡି) ଯଦି କିଶୋର ଜଣକ ଚଉଦ ବର୍ଷରୁ ଅଧିକ ହୋଇଥିବେ ଏବଂ ସେ ଅର୍ଥ ଉପାର୍ଜନ କରୁଥିବେ, ତେବେ ଉକ୍ତ କିଶୋରଙ୍କର ପିତାମାତାଙ୍କୁ ବା ତାଙ୍କୁ ନିଜେ ଜୋରିମାନା ଦେବାକୁ ଆଦେଶ ଦେଇପାରନ୍ତି ;

(ଇ) ତିନିବର୍ଷ ଠାରୁ ଅଧିକ ହୋଇନଥିବା ଏକ ସମୟ-ଅବଧି ପାଇଁ କିଶୋରର ଉତ୍ତମ ଆଚରଣ ଓ ଉତ୍ତମ ସ୍ଥିତି ସମ୍ବନ୍ଧରେ ପିତାମାତା, ଅଭିଭାବକ ବା ଅନ୍ୟକୌଣସି ସମର୍ଥ ବ୍ୟକ୍ତିଙ୍କ ଠାରୁ ଜମାନତ ସହିତ ବା ଜମାନତ ବ୍ୟତିରେକ ଅଦାଲତ ଚାହିଁଥିବା ମୁତାବକ ଏକ ଅଙ୍ଗୀକାର ମିଳିବା ପରେ ସଂପୃକ୍ତ କିଶୋରଙ୍କୁ ଉତ୍ତମ ବ୍ୟବହାରର ପରିବୀକ୍ଷା ଭିତ୍ତିରେ ଖଲାସ କରି ତାଙ୍କୁ ପିତାମାତା, ଅଭିଭାବକ ବା ଅନ୍ୟ କୌଣସି ସମର୍ଥ ବ୍ୟକ୍ତିଙ୍କ ହେପାଜତ୍ ଅଧୀନରେ ରଖିବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି ;

(ଏଫ୍) ଉତ୍ତମ ବ୍ୟବହାର ଆଶା କରି ପରୀକ୍ଷାମୂଳକ ଭାବେ ଜଣେ କିଶୋରଙ୍କୁ ଖଲାସ୍ କରାଯାଇ ତାଙ୍କୁ ଉତ୍ତମ ବ୍ୟବହାର ଏବଂ ଉତ୍ତମ ସ୍ଥିତି ଉଦ୍ଦେଶ୍ୟରେ ତିନିବର୍ଷ ଠାରୁ ଅଧିକ ହୋଇନଥିବା ଏକ ସମୟ-ଅବଧି ପାଇଁ ଏକ ସମର୍ଥ ଅନୁଷ୍ଠାନର ହେପାଜତ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦେଇପାରନ୍ତି ;

(ଜି) ସଂପୃକ୍ତ କିଶୋରଙ୍କୁ ଏକ ସ୍ୱତନ୍ତ୍ର ଗୃହରେ ତିନିବର୍ଷ ପାଇଁ ରହିବା ସକାଶେ ନିର୍ଦ୍ଦେଶନା ବହନ କରୁଥିବା ଏକ ଆଦେଶ ଜାରି କରିପାରନ୍ତି ;

**ପରନ୍ତୁ,** ଅପରାଧର ପ୍ରକୃତି ଏବଂ ମାମଲାଟିର ପାରିପାର୍ଶ୍ୱିକ ସ୍ଥିତିସମୂହକୁ ଅନୁଧ୍ୟାନ କରି ପରିଷଦ ଯଦି ନିଜେ ଲିପିବଦ୍ଧ କରିଥିବା କାରଣଗୁଡିକ ଯୋଗୁଁ ଉକ୍ତ ରହଣି ସମୟକୁ ସେତିକି ଦୂର ହ୍ରାସ କରିବା ଜରୁରୀ ବୋଲି ମନେ କରନ୍ତି, ଯାହାକି ତାଙ୍କ ବିବେଚନାରେ ଯଥାର୍ଥ, ତେବେ ସେ ତାହା କରିପାରନ୍ତି ।

(୨) ପରିଷଦ ଜଣେ ପରିବୀକ୍ଷା ଅଧିକାରୀ ବା ଏକ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନ ବା ଅନ୍ୟ କୌଣସି ସୂତ୍ରରୁ ସଂପୃକ୍ତ କିଶୋରଙ୍କ ଉପରେ ପ୍ରସ୍ତୁତ ସାମାଜିକ ଅନୁସନ୍ଧାନ ବିବରଣୀ ସଂଗ୍ରହ କରିବେ ଏବଂ କୌଣସି ଆଦେଶ ଦେବା ପୂର୍ବରୁ ସେହି ବିବରଣୀରେ ସ୍ଥାନ ପାଇଥିବା ତଥ୍ୟାବଳୀକୁ ବିଚାରକୁ ନେଇଥିବେ ।

(୩) ଯେଉଁସ୍ଥଳେ ଉପଧାରା(୧)ର ଅଣ-ଉପଧାରା (ଡି), ଅଣ-ଉପଧାରା (ଇ) ବା ଅଣ-ଉପଧାରା (ଏଫ୍) ଅଧୀନରେ ଏକ ଆଦେଶ ଦିଆଯାଇଥିବ, ସେପରି ସ୍ଥଳେ, ସଂପୃକ୍ତ କିଶୋରଙ୍କ ସ୍ୱାର୍ଥ ବା ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ପରିଷଦ ନିଜେ ଜରୁରୀ ମନେ କରିବା ମତେ ଏହି ମର୍ମରେ ଏକ ଅତିରିକ୍ତ ଆଦେଶ ଜାରି କରିପାରନ୍ତି ଯେ, ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରକୁ ଆଦେଶରେ ନାମିତ ହୋଇଥିବା ଜଣେ ପରିବୀକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆଦେଶରେ ବିନିର୍ଦ୍ଦିଷ୍ଟ ହୋଇଥିବା ସେପରି ଏକ ସମୟ-ଅବଧି ପାଇଁ ସ୍ଥାନିତ କରାଯିବ, ଯାହାକି ତିନିବର୍ଷରୁ ଅଧିକ ହୋଇନଥିବ ଏବଂ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ସେହି କିଶୋରଙ୍କର ଉପଯୁକ୍ତ ତତ୍ତ୍ୱାବଧାନ ପାଇଁ ଯେଉଁ ପ୍ରକାର ସର୍ତ୍ତାବଳୀ ପରିଷଦଙ୍କ ବିବେଚନାରେ ଆବଶ୍ୟକ, ସେସବୁକୁ ପରିଷଦ ଉକ୍ତ ତତ୍ତ୍ୱାବଧାନ ଆଦେଶରେ ସ୍ଥାନିତ କରିପାରନ୍ତି:

**ପରନ୍ତୁ,** ପରିଷଦ ଏହାପରେ ଯଦି କେବେ ପରିବୀକ୍ଷା ଅଧିକାରୀଙ୍କ ବିବରଣୀ ବା ଅନ୍ୟ କୌଣସି ସୂତ୍ରରୁ ଜାଣିବାକୁ ପାଆନ୍ତି ଯେ, ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ଜଣକ ତତ୍ତ୍ୱାବଧାନ ପର୍ଯ୍ୟାୟରେ ଉତ୍ତମ ଆଚରଣ ପ୍ରଦର୍ଶନ କରିନାହାନ୍ତି, ଅଥବା ଯେଉଁ ସମର୍ଥ ଅନୁଷ୍ଠାନର ହେପାଜତ୍‌ରେ ଉକ୍ତ କିଶୋରଙ୍କୁ ଜିମା ଦିଆଯାଇଥିଲା, ସେହି ଅନୁଷ୍ଠାନ କିଶୋର ଜଣଙ୍କର ଉତ୍ତମ ଆଚରଣ ଏବଂ ଉତ୍ତମ ଯତ୍ନକୁ ସୁନିଶ୍ଚିତ କରିବା ପାଇଁ ସମର୍ଥ ନୁହଁନ୍ତି ବା ଇଚ୍ଛୁକ ନୁହଁନ୍ତି, ତେବେ ପରିଷଦ ଏ ବିଷୟରେ ଯଥୋଚିତ ଅନୁସନ୍ଧାନ କରିସାରିବା ପରେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ସେହି କିଶୋରଙ୍କୁ ଏକ ସ୍ୱତନ୍ତ୍ର ଗୃହକୁ ପଠାଇବା ପାଇଁ ଆଦେଶ ଜାରି କରିପାରନ୍ତି ।

(୪) ଉପଧାରା (୩) ଅଧୀନରେ ଏକ ତତ୍ତ୍ୱାବଧାନ ଆଦେଶ ଜରି କଲାବେଳେ ପରିଷଦ ସଂପୃକ୍ତ କିଶୋର, ଏବଂ ତାଙ୍କର ପିତାମାତା, ଅଭିଭାବକ ବା ଅନ୍ୟ ସେହି ସମର୍ଥ ବ୍ୟକ୍ତି ବା ଯଥାସ୍ଥିତି ସମର୍ଥ ଅନୁଷ୍ଠାନଙ୍କୁ ଆଦେଶର ମିଆଦ ଓ ସର୍ତ୍ତାବଳୀ ସମ୍ବନ୍ଧରେ ବୁଝାଇଦେବେ, ଯାହାଙ୍କ ହେପାଜତ୍ ଅଧୀନରେ କିଶୋରଙ୍କୁ ନ୍ୟସ୍ତ କରାଯାଇଛି, ଏବଂ ଉକ୍ତ ତତ୍ତ୍ୱାବଧାନ ଆଦେଶର ଏକକିତା ଲେଖାଏଁ ନକଲ କିଶୋର, ପିତାମାତା, ଅଭିଭାବକ ବା ଯଥାସ୍ଥିତି ଅନ୍ୟାନ୍ୟ ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ସମେତ ଯଦି ଜାମିନ୍‌ଦାର ଥାଆନ୍ତି, ତେବେ ତାଙ୍କୁ ଏବଂ ପରିବୀକ୍ଷା ଅଧିକାରୀଙ୍କୁ ତତ୍‌କ୍ଷଣାତ୍ ଯୋଗାଇ ଦିଆଯିବ ।

## ୧୬. କିଶୋର ବିରୋଧରେ ଯେଉଁ ଆଦେଶ ଜାରି କରାଯାଇ ପାରିବ ନାହିଁ-

(୧) ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ପ୍ରତିକୂଳ ବ୍ୟବସ୍ଥା ସ୍ଥାନିତ ହୋଇଥାଉନା କାହିଁକି, ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋରଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ ବା ଆଜୀବନ ଜେଲ୍‌ଦଣ୍ଡ ଦିଆଯିବ ନାହିଁ, କିମ୍ବା ଜୋରିମାନା ପଇଠରେ ବା ଜମାନତ ଯୋଗାଇବାରେ ବିଫଳ ହେବାର ବିକଳ୍ପ ବ୍ୟବସ୍ଥା ରୂପେ ଜେଲ୍‌ଦଣ୍ଡ ଦିଆଯାଇ ପାରିବନାହିଁ :

**ପରନ୍ତୁ,** ଯେଉଁସ୍ଥଳେ ଷୋଳବର୍ଷ ବୟସରେ ପଦାର୍ପଣ କରିଥିବା କୌଣସି କିଶୋର ଗୋଟିଏ ଅପରାଧ ଘଟାଇଥାନ୍ତି, ଏବଂ ପରିଷଦଙ୍କ ମତରେ ଉକ୍ତ ଅପରାଧ ଏଭଳି ଗୁରୁତର ଧରଣର ଏବଂ ସେହି କିଶୋରଙ୍କର ଆଚରଣ ଏବଂ ବ୍ୟବହାର ଏପରି ହୋଇଛି ଯେ, ସେହି କିଶୋରଙ୍କର ହିତ ଦୃଷ୍ଟିରୁ ବା ଏକ ସ୍ୱତନ୍ତ୍ର ଗୃହରେ ଥିବା କିଶୋରମାନଙ୍କ ହିତ ଦୃଷ୍ଟିରୁ ତାଙ୍କୁ ସଂପୃକ୍ତ ସ୍ୱତନ୍ତ୍ର ଗୃହକୁ ପଠାଇବା ଉଚିତ୍ ହେବନାହିଁ, ଏବଂ ସେପରି କିଶୋର ପାଇଁ ଏହି ଆଇନ୍ ଅଧୀନସ୍ଥ କୌଣସି ବ୍ୟବସ୍ଥା ଉପଯୁକ୍ତ ବା ପର୍ଯ୍ୟାପ୍ତ ନୁହେଁ, ତେବେ ପରିଷଦ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଉକ୍ତ କିଶୋରଙ୍କୁ ସେପରି ଏକ ନିରାପଦ ସ୍ଥାନରେ ଓ ପଦ୍ଧତିରେ ରଖିବାପାଇଁ ଆଦେଶ କରିପାରନ୍ତି, ଯାହାକି ତାଙ୍କ ବିବେଚନାରେ ଯଥାର୍ଥ ଏବଂ ସେହି ମାମଲାର ଏକ ବିବରଣୀ ରାଜ୍ୟ ସରକାରଙ୍କ ଆଦେଶ ନିମିତ୍ତ ପଠାଇବେ ।

(୨) ଉପଧାରା (୧) ଅଧୀନରେ ପରିଷଦଙ୍କ ଠାରୁ ଏକ ବିବରଣୀ ପାଇବା ପରେ ରାଜ୍ୟ ସରକାର ସଂପୃକ୍ତ କିଶୋରଙ୍କ କ୍ଷେତ୍ରରେ ଯାହା ଯଥାର୍ଥ ମନେ କରିବେ ତହିଁର ବ୍ୟବସ୍ଥା କରିପାରନ୍ତି, ଏବଂ ଉକ୍ତ କିଶୋରଙ୍କୁ ସେପରି ଏକ ସ୍ଥାନରେ ଓ ସେପରି ସର୍ତ୍ତାବଳୀକୁ ମାନି ଏକ ସୁରକ୍ଷିତ ହେପାଜତ୍ ଅଧୀନରେ ରଖାଯିବା ପାଇଁ ଆଦେଶ କରିପାରନ୍ତି, ଯାହାକି ରାଜ୍ୟ ସରକାରଙ୍କ ମତରେ ଯଥାର୍ଥ ।

**ପରନ୍ତୁ,** ଉପରୋକ୍ତ ମତେ ଯେଉଁ ଏକ ଅଟକ ଆଦେଶ ଦିଆଯାଇଥିବ, ତହିଁର ସମୟ-ଅବଧି କୌଣସି ସ୍ଥିତିରେ ଏହି ଆଇନ୍‌ର ଧାରା ୧୫ରେ ସୂଚୀତ ହୋଇଥିବା ସବାଧିକ ସମୟ-ଅବଧି ଠାରୁ ଟପିବ ନାହିଁ ।

## ୧୭. ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୮ମ ଅଧ୍ୟାୟ ସ୍ଥିତ କାର୍ଯ୍ୟବିଧି କିଶୋର ବିରୋଧରେ ଲାଗୁ ହେବନାହିଁ-

ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩(୧୯୭୪ର ଆଇନ୍ ସଂଖ୍ୟା ୨)ରେ ଯାହାକିଛି ପ୍ରତିକୂଳ ବ୍ୟବସ୍ଥା ଥାଉନା କାହିଁକି, ଉକ୍ତ ସଂହିତାର ଅଷ୍ଟମ ଅଧ୍ୟାୟ ଅନୁଯାୟୀ ଜଣେ କିଶୋର ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆଗତ କରାଯାଇ ପାରିବ ନାହିଁ ଏବଂ କୌଣସି ଆଦେଶ ଜାରି କରାଯାଇପାରିବ ନାହିଁ ।

## ୧୮. କିଶୋର ଏବଂ କିଶୋର ହୋଇନଥିବା ବ୍ୟକ୍ତିଙ୍କ ପାଇଁ ଯୁଗ୍ମ କାର୍ଯ୍ୟବିଧିକୁ ବାରଣ-

(୧) ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩(୧୯୭୪ର ଆଇନ୍ ସଂଖ୍ୟା ୨)ର ଦଫା ୨୨୩ରେ ଅଥବା ବର୍ତ୍ତମାନ ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଜଣେ କିଶୋରଙ୍କୁ ଅନ୍ୟ ଜଣେ ବ୍ୟକ୍ତି, ଯେ କି କିଶୋର ନୁହଁନ୍ତି, ତାଙ୍କ ସହ ମିଳିତ ଭାବେ କୌଣସି ଅପରାଧ ପାଇଁ ଦୋଷାରୋପ ବା ବିଚାର କରାଯାଇପାରିବ ନାହିଁ ।

(୨) ଯେଉଁସ୍ଥଳେ ଜଣେ କିଶୋର ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩(୧୯୭୪ର ଆଇନ୍ ସଂଖ୍ୟା ୨)ର ଦଫା ୨୨୩ ଅଥବା ଅନ୍ୟ କୌଣସି ପ୍ରଚଳିତ ଆଇନ୍ ଅନୁଯାୟୀ ଏକ ଅପରାଧ ପାଇଁ ଅଭିଯୁକ୍ତ

ହୋଇଥାନ୍ତି, ଅଥଚ ଉପଧାରା(୧)ରେ ଥିବା ନିଷେଧାଜ୍ଞା ସତ୍ତ୍ୱେ ଉକ୍ତ କିଶୋର ଏବଂ ଅନ୍ୟ ଜଣେ ବ୍ୟକ୍ତି, ଯେ କି କିଶୋର ନୁହଁନ୍ତି, ଉଭୟଙ୍କୁ ମିଳିତ ଭାବେ ଅଭିଯୁକ୍ତ ଏବଂ ଦୋଷାରୋପ କରାଯାଇଛି, ସେପରି ସ୍ଥଳେ ପରିଷଦ ଉପରୋକ୍ତ ଅପରାଧକୁ ସଜ୍ଞାନ କଲାପରେ ସଂପୃକ୍ତ କିଶୋର ଏବଂ ଅନ୍ୟ ଜଣେ ବ୍ୟକ୍ତି, ଯେ କି କିଶୋର ନୁହଁନ୍ତି, ସେମାନଙ୍କ ପାଇଁ ଅଲଗା ଅଲଗା ବିଚାର-ପ୍ରକ୍ରିୟା ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେବେ ।

**୧୯. ଦୋଷୀସାବ୍ୟସ୍ତ ହେବା କାରଣରୁ ତତ୍‌ସହିତ ସଂଶ୍ଲିଷ୍ଟ ଅଯୋଗ୍ୟତାର ଅପସାରଣ-**

(୧) ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଯଦି ଅପରାଧ ଘଟାଇଥିବା ଜଣେ କିଶୋର ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ବିଚାରର ସମ୍ମୁଖୀନ ହୋଇଥାନ୍ତି, ତେବେ ଉକ୍ତ ଅପରାଧ ପାଇଁ ଜଣେ ବ୍ୟକ୍ତି ଅନ୍ୟ ଆଇନ୍ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଯେଉଁ ଅଯୋଗ୍ୟତା ଅର୍ଜନ କରିଥାନ୍ତେ, ସଂପୃକ୍ତ କିଶୋର ସେପରି ଅଯୋଗ୍ୟତା ଅର୍ଜନ କରିବେ ନାହିଁ ।

(୨) ଏତାଦୃଶ ଭାବେ ଦୋଷୀସାବ୍ୟସ୍ତ ହେବା ସଂବନ୍ଧୀତ ସମସ୍ତ ପ୍ରାସଙ୍ଗିକ ରେକର୍ଡଗୁଡ଼ିକୁ ଅପିଲ୍‌ର ସମୟ-ଅବଧି ବା ଯଥାସ୍ଥିତି ନିୟମାବଳୀରେ ବିହିତ କରାଯାଇଥିବା ଯୁକ୍ତିଯୁକ୍ତ ସମୟ-ଅବଧି ଅତିକ୍ରାନ୍ତ ହେବା ପରେ ଅପସାରଣ କରିନେବା ପାଇଁ ପରିଷଦ ନିଜ ଆଦେଶରେ ନିର୍ଦ୍ଦେଶ ଦେଇପାରନ୍ତି ।

**୨୦. ବିଚାରାଧୀନ ମାମଲାଗୁଡ଼ିକ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା-**

ଏହି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, କୌଣସି ଇଲାକା ପାଇଁ ଏହି ଆଇନ୍ ଯେଉଁ ତାରିଖ ଠାରୁ ବଳବତ୍ତର ହେଲା, ସେହି ତାରିଖରେ ଉକ୍ତ ଇଲାକାର କୌଣସି ଅଦାଲତରେ ଜଣେ କିଶୋର ସମ୍ପର୍କରେ ଯଦି କୌଣସି ମାମଲା ବିଚାରାଧୀନ ଥାଏ, ତେବେ ସେହି ମାମଲାର ସମସ୍ତ କାର୍ଯ୍ୟବିଧି ଉପରୋକ୍ତ ଅଦାଲତରେ ଚାଲୁ ରହିବ ସତେ ଯେମିତି ଏହି ଆଇନ୍‌ଟି ଲାଗୁ ହୋଇନାହିଁ ଏବଂ ସମ୍ପୃକ୍ତ ଅଦାଲତଙ୍କ ମତରେ ଯଦି କିଶୋର ଜଣକ ଏକ ଅପରାଧ କରିଥାନ୍ତି, ତେବେ ଅଦାଲତ ଏ ବିଷୟରେ ନିଜର ନିର୍ଣ୍ଣୟକୁ ଲିପିବଦ୍ଧ କରିବେ ଏବଂ ଉକ୍ତ କିଶୋରଙ୍କ ଉପରେ କୌଣସି ଦଣ୍ଡାଦେଶ ଜାରି କରିବା ପରିବର୍ତ୍ତେ, ସେହି କିଶୋରଙ୍କୁ ପରିଷଦଙ୍କ ନିକଟକୁ ଅଭିପ୍ରେରଣ କରିବେ, ଏବଂ ସମ୍ପୃକ୍ତ ପରିଷଦ ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଉକ୍ତ କିଶୋରଙ୍କ ଉପରେ ଆଦେଶ ଜାରି କରିବେ, ସତେ ଯେମିତି ପରିଷଦ ଏହି ଆଇନ୍ ଅନୁଯାୟୀ ଏକ ଅନୁସନ୍ଧାନ କଲାପରେ ହୃଦ୍‌ବୋଧ କରିଛନ୍ତି ଯେ, ଜଣେ କିଶୋର ଉକ୍ତ ଅପରାଧଟି ଘଟାଇଛନ୍ତି ।

**ପରନ୍ତୁ,** ସଂପୃକ୍ତ ଆଦେଶରେ ସୂଚୀତ ହୋଇଥିବା ଯଥେଷ୍ଟ ଓ ସ୍ୱତନ୍ତ୍ର କାରଣମାନ ଯୋଗୁଁ ପରିଷଦ ଉକ୍ତ ମାମଲାର ଏକ ପୁନର୍ବିଚାର କରିପାରନ୍ତି ଓ ଉକ୍ତ କିଶୋରଙ୍କ ସ୍ୱାର୍ଥରେ ଯଥୋଚିତ ଆଦେଶ ଜାରି କରିପାରନ୍ତି ।

**ସ୍ପଷ୍ଟୀକରଣ-** ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋରଙ୍କୁ ସଂପୃକ୍ତ କରି ଯଦି କୌଣସି ବିଚାର, ସଂଶୋଧନ, ଅପିଲ୍ ବା ଅନ୍ୟ କୌଣସି ଫୌଜଦାରୀ କାର୍ଯ୍ୟବିଧିର ଏକ ମାମଲା ଏକ ଅଦାଲତରେ ଅସମାପ୍ତ ଅବସ୍ଥାରେ ଥାଏ, ତେବେ ସେହି କିଶୋରଙ୍କର କିଶୋରାବସ୍ଥା ସମ୍ବନ୍ଧରେ ଏକ ନିର୍ଦ୍ଧାରଣ ଧାରା ୨ର ଖଣ୍ଡ (ଏଲ୍) ଅନୁଯାୟୀ କରାଯିବ, ଯଦିବା ଏହି ଆଇନ୍‌ର ପ୍ରାରମ୍ଭ ଦିନ ବା ତା ପୂର୍ବରୁ ଉକ୍ତ କିଶୋର କିଶୋରାବସ୍ଥାକୁ ଅତିକ୍ରମ କରିସାରିଥିବେ; ଏବଂ ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକ ସେହିପରି ପ୍ରଯୁଜ୍ୟ ରହିବ, ସତେ ଯେପରି

ଅଭିଯୋଗ କରାଯାଇଥିବା ଅପରାଧଟି ଘଟିଥିବା ବେଳେ ସେହି ବ୍ୟବସ୍ଥାଗୁଡିକ ସମସ୍ତ ଉଦ୍ଦେଶ୍ୟ ପାଇଁ ଏବଂ ସମସ୍ତ ପ୍ରାସଙ୍ଗିକ କାଳ ପାଇଁ ବଳବତ୍ତର ଥିଲା ।

## ୨୧. କୌଣସି କାର୍ଯ୍ୟବିଧିରେ ଜଡିତ ଥିବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତର ନାମ ଇତ୍ୟାଦିକୁ ପ୍ରକାଶନ ଉପରେ ନିଷେଧାଜ୍ଞା-

(୧) ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତଙ୍କ ଉପରେ ଏହି ଆଇନ ଅନୁଯାୟୀ ଅନୁଷ୍ଠିତ କୌଣସି ଅନୁସନ୍ଧାନ ବିଷୟରେ ଖବରକାଗଜ, ପତ୍ରିକା, ସମ୍ବାଦ-ପୃଷ୍ଠା ବା ଦୃଶ୍ୟମାଧ୍ୟମରେ ପ୍ରକାଶିତ ହେଉଥିବା କୌଣସି ବିବରଣୀରେ ନାମ, ଠିକଣା ବା ସ୍କୁଲ ବା ଅନ୍ୟ କୌଣସି ସବିଶେଷ ତଥ୍ୟାବଳୀ, ଯାହାକି ସଂପୃକ୍ତ କିଶୋର ବା ବାଳୁତଙ୍କୁ ଚିହ୍ନା ପକେଇବା ପାଇଁ ଅଭିପ୍ରେତ, ତାହା ପ୍ରକାଶନ କରାଯିବ ନାହିଁ, ଏବଂ ଏପରି କିଶୋର ବା ବାଳୁତଙ୍କ ଫଟୋ ମଧ୍ୟ ପ୍ରକାଶିତ ହେବନାହିଁ:

**ପରନ୍ତୁ,** ଅନୁସନ୍ଧାନକାରୀ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ ଏତାଦୃଶ ପ୍ରକାଶନ ଦ୍ୱାରା ସଂପୃକ୍ତ କିଶୋର ବା ବାଳୁତଙ୍କର ସ୍ୱାର୍ଥ ସାଧିତ ହେବ, ତେବେ ସେ ଲିଖିତ ଭାବେ ସଂପୃକ୍ତ କାରଣଗୁଡିକୁ ଲିପିବଦ୍ଧ କରିବା ପୂର୍ବକ ଏତାଦୃଶ ପ୍ରକାଶନ ପାଇଁ ଅନୁମତି ଦେଇପାରନ୍ତି ।

(୨) ଉପଧାରା (୧)ର ବ୍ୟବସ୍ଥାଗୁଡିକୁ ଯେଉଁ ବ୍ୟକ୍ତି ଉଲ୍ଲଂଘନ କରିବେ, ତାଙ୍କୁ ସର୍ବାଧିକ ଦୁଇହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ।

## ୨୨. ପଳାତକ କିଶୋରଙ୍କ ସମ୍ବନ୍ଧରେ ବ୍ୟବସ୍ଥା-

ବର୍ତ୍ତମାନ ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ପ୍ରତିକୂଳ ବ୍ୟବସ୍ଥା ଥାଉନା କାହିଁକି, ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର, ଯେ କି ଏକ ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହରୁ ବା ଏହି ଆଇନ୍ ଅଧୀନରେ ଯେଉଁ ବ୍ୟକ୍ତିଙ୍କ ଠାରେ ତାଙ୍କୁ ନ୍ୟସ୍ତ କରାଯାଇଥିବ, ତାଙ୍କର ହେପାଜତ୍‌ରୁ ଖସି ପଳାଇଥାନ୍ତି, ତେବେ ଯେ କୌଣସି ପୋଲିସ୍ ଅଫିସର୍ ବିନା ପରଓ୍ୱାନାରେ ତାଙ୍କୁ ନିଜ ନିୟନ୍ତ୍ରଣ ଅଧୀନକୁ ଆଣିପାରିବେ ଏବଂ ସଂପୃକ୍ତ କିଶୋରଙ୍କୁ ଉକ୍ତ ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହକୁ ବା ଯଥାସ୍ଥିତି ସଂପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପଠାଇ ଦିଆଯିବ ଏବଂ ଏପରି ପଳାୟନ ହେତୁ ସମ୍ପୃକ୍ତ କିଶୋରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟବିଧି ଆଗତ କରାଯିବ ନାହିଁ, କିନ୍ତୁ ଉକ୍ତ ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହ ବା ସେହି ବ୍ୟକ୍ତି ସମ୍ପୃକ୍ତ କିଶୋରଙ୍କ ସମ୍ପର୍କରେ ଆଦେଶ ଜାରି କରିଥିବା ପରିଷଦଙ୍କୁ ଏ ବିଷୟରେ ସୂଚନା ଦେଲାପରେ ଉକ୍ତ କିଶୋରଙ୍କ ସନ୍ଦର୍ଭରେ ସେହିସବୁ ପଦକ୍ଷେପମାନ ଗ୍ରହଣ କରିପାରନ୍ତି, ଯାହାକି ତାଙ୍କ ବିବେଚନାରେ ଆଇନ୍‌ର ବ୍ୟବସ୍ଥାମାନ ଅନୁଯାୟୀ ଆବଶ୍ୟକ ।

## ୨୩. କିଶୋର ବା ବାଳୁତ ପ୍ରତି ନିଷ୍ଠୁରତା ପାଇଁ ଦଣ୍ଡ-

ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କର ପ୍ରକୃତ ଦାୟିତ୍ୱ ବା ନିୟନ୍ତ୍ରଣ ଗ୍ରହଣ କରିଥିବା ସ୍ଥଳେ ସେପରି କିଶୋର ବା ବାଳୁତଙ୍କୁ ଆଘାତ କରନ୍ତି, ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଅନ୍ତି, ବିପଦ ମୁହଁକୁ ଠେଲି ଦିଅନ୍ତି, ବା ଜାଣିଶୁଣି ଅବହେଳିତ କରନ୍ତି, କିମ୍ବା ଏପରି କରାନ୍ତି ବା ଜଣେ କିଶୋର ବା ବାଳୁତଙ୍କୁ ଧରିଆଣି

ତାଙ୍କୁ ଏପରି କରାଇଥାନ୍ତି ଏବଂ ଏପରି କରିବା ଫଳରେ ଉକ୍ତ କିଶୋର ବା ବାଳୁତ ଅବାଂଛିତ ଶାରିରୀକ ଓ ମାନସିକ ଯନ୍ତ୍ରଣାର ଶିକାର ହୁଅନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବାଧିକ ଛଅମାସ ଜେଲ୍‌ଦଣ୍ଡ ବା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**୨୪. ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ କିଶୋର ବା ବାଳୁତଙ୍କୁ ନିୟୋଜିତ କରିବା-**

(୧) ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କୁ ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ ନିୟୋଜିତ ବା ବ୍ୟବହାର କରନ୍ତି ବା ତାଙ୍କୁ ଭିକ୍ଷାବୃତ୍ତି କରିବା ପାଇଁ ବାଧ୍ୟ କରାନ୍ତି, ତେବେ ସେହି ବ୍ୟକ୍ତିଙ୍କୁ ସର୍ବାଧିକ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ଜୋରିମାନାରେ ମଧ ଦଣ୍ଡିତ କରାଯିବ ।

(୨) ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କର ପ୍ରକୃତ ଦାୟିତ୍ୱ ବା ନିୟନ୍ତ୍ରଣ ଗ୍ରହଣ କରିଥିବା ସ୍ଥଳେ ଉପଧାରା(୧) ଅଧୀନରେ ଦଣ୍ଡନୀୟ ହେଉଥିବା ଏକ ଅପରାଧ ଘଟାଇବାରେ ସହାୟତା କରନ୍ତି, ତେବେ ସେ ସର୍ବାଧିକ ଏକବର୍ଷ ଜେଲ୍ ସହିତ ଜୋରିମାନା ଦଣ୍ଡରେ ମଧ ଦଣ୍ଡିତ ହେବେ ।

**୨୫. କିଶୋର ବା ବାଳୁତଙ୍କୁ ନିଶାକାରକ ମଦ ବା ନିଶା-ବର୍ଦ୍ଧକ ଔଷଧ ବା ଉନ୍ମାଦକ ସାମଗ୍ରୀ ଦେବା କାରଣରୁ ଦଣ୍ଡବିଧାନ-**

ଯଦି ଜଣେ ବ୍ୟକ୍ତି କୌଣସି କିଶୋର ବା ବାଳୁତଙ୍କୁ ଏକ ସର୍ବସାଧାରଣ ସ୍ଥାନରେ ନିଶାକାରକ ମଦ ବା ଯୋଗ୍ୟତାସମ୍ପନ୍ନ ଚିକିତ୍ସା-ବିଶେଷଜ୍ଞଙ୍କ ବିନା ପରାମର୍ଶରେ କିମ୍ବା ପୀଡିତାବସ୍ଥାକୁ ଛାଡି ଅନ୍ୟ ସମୟରେ ନିଶାବର୍ଦ୍ଧକ ଔଷଧ ବା ଉନ୍ମାଦକ ସାମଗ୍ରୀ ଦିଅନ୍ତି ବା ଦେବାରେ କାରଣ ହୁଅନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

**୨୬. କିଶୋର ବା ବାଳୁତ କର୍ମୀମାନଙ୍କୁ ଶୋଷଣ-**

ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଖୋଲଖୋଲି ନିଜ ଅକ୍ତିଆରକୁ ଆଣନ୍ତି ଏବଂ ତାଙ୍କୁ ନିଜ ବନ୍ଧନରେ ରଖନ୍ତି ଏବଂ ତାଙ୍କର ଉପାର୍ଜନକୁ ନିଜ ପାଖରେ ଅଟକାଇ ରଖନ୍ତି କିମ୍ବା ସେପରି ଉପାର୍ଜିତ ଅର୍ଥକୁ ନିଜ ପାଇଁ ବ୍ୟବହାର କରନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

**୨୭. ସ୍ୱତନ୍ତ୍ର ଅପରାଧମାନ -**

ଧାରା ୨୩, ୨୪, ୨୫, ଓ ୨୬ ଅଧୀନରେ ଦଣ୍ଡନୀୟ ଅପରାଧମାନ ଧର୍ତ୍ତବ୍ୟ ବିବେଚିତ ହେବ ।

**୨୮. ବିକଳ୍ପ ଦଣ୍ଡବିଧାନ-**

ଯେଉଁସ୍ଥଳେ କୌଣସି କାର୍ଯ୍ୟ ଅଥବା କାର୍ଯ୍ୟ କରିବାରୁ ବିରତ ରହିବା ଏହି ଆଇନ୍ ଅନୁଯାୟୀ ବା ଅନ୍ୟ କୌଣସି କେନ୍ଦ୍ରୀୟ ବା ରାଜ୍ୟ ଆଇନ୍ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ବୋଲି ପରିଗଣିତ ହୋଇଥାଏ, ସେପରି ସ୍ଥଳେ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଏତାଦୃଶ ଅପରାଧଗୁଡିକ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀଙ୍କୁ କେବଳ ସେହିସବୁ ଆଇନ୍ ଅଧୀନରେ ଦଣ୍ଡିତ କରାଯିବ, ଯେଉଁଥିରେ ଅଧିକ ଗୁରୁତର ଦଣ୍ଡବିଧାନର ବ୍ୟବସ୍ଥା ସ୍ଥାନିତ ଅଛି ।

# ତୃତୀୟ ଅଧ୍ୟାୟ
# ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ

**୨୯. ବାଳୁତ କଲ୍ୟାଣ କମିଟି-**

(୧) ରାଜ୍ୟ ସରକାର କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧନ ଆଇନ୍, ୨୦୦୬ର ପ୍ରାରମ୍ଭ ତାରିଖର ଏକବର୍ଷ ସମୟ-ସୀମା ଭିତରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ବଳରେ ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ବା ଏକାଧିକ ବାଳୁତ କଲ୍ୟାଣ କମିଟି ଗଠନ କରିପାରନ୍ତି, ଯାହାର ଉଦ୍ଦେଶ୍ୟ ହେଲା, ଏହି କମିଟିଗୁଡିକ ଏହି ଆଇନ୍ ଅଧୀନରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ କ୍ଷେତ୍ରରେ ଏହି କମିଟିମାନଙ୍କୁ ନ୍ୟସ୍ତ କରାଯାଇଥିବା କ୍ଷମତାବଳୀକୁ ପ୍ରୟୋଗ କରିବେ ଏବଂ ଦାୟିତ୍ୱମାନ ସମ୍ପାଦନ କରିବେ ।

(୨) ଏହି କମିଟି ରାଜ୍ୟ ସରକାରଙ୍କ ବିବେଚନାରେ ଉପଯୁକ୍ତ ମନେ ହେଉଥିବା ଜଣେ ଅଧକ୍ଷ ଓ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କ ଭିତରୁ ଅନ୍ୟୁନ ଜଣେ ମହିଳା ହୋଇଥିବେ ଓ ଅନ୍ୟ ଜଣେ ବାଳୁତମାନଙ୍କ ବିଷୟରେ ଜଣେ ବିଶେଷଜ୍ଞ ହୋଇଥିବେ ।

(୩) ଅଧକ୍ଷ ଓ ସଦସ୍ୟମାନଙ୍କର ଯୋଗ୍ୟତା ଏବଂ ସେମାନଙ୍କ ନିଯୁକ୍ତିର କାର୍ଯ୍ୟକାଳ ତାହାହିଁ ହେବ, ଯାହାକି ବିହିତ ହୋଇପାରେ ।

(୪) ଏକ ଅନୁସନ୍ଧାନ କଳାପରେ ରାଜ୍ୟ ସରକାର ଯେ କୌଣସି ସଦସ୍ୟଙ୍କର ନିଯୁକ୍ତିକୁ ରଦ୍ଦ କରି ଦେଇ ପାରନ୍ତି, ଯଦି -

୧- ଏହି ଆଇନ୍ ଅଧୀନରେ ନ୍ୟସ୍ତ କରାଯାଇଥିବା କ୍ଷମତାର ଅପପ୍ରୟୋଗ କାରଣରୁ ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ;

୨- ଏପରି ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି, ଯେଉଁଥିରେ ନୈତିକ ଭ୍ରଷ୍ଟାଚାର ଜଡିତ ଥାଏ ଏବଂ ଏତାଦୃଶ ଦୋଷସିଦ୍ଧି ପ୍ରତ୍ୟାହୃତ ହୋଇ ନଥାଏ କିମ୍ବା ସେପରି ଅପରାଧ କ୍ଷେତ୍ରରେ ତାଙ୍କୁ ସମ୍ପୂର୍ଣ୍ଣ କ୍ଷମା ଦିଆଯାଇ ନଥାଏ ;

୩- କୌଣସି ଯଥାର୍ଥ କାରଣ ନଥାଇ, ସେ ଲଗାତର ତିନିମାସ ଧରି କମିଟିର କାର୍ଯ୍ୟବିଧିରେ ଯୋଗଦାନ କରିବାରେ ବିଫଳ ହୋଇଥାନ୍ତି କିମ୍ବା ବର୍ଷକ ମଧ୍ୟରେ ଅନୁଷ୍ଠିତ ହୋଇଥିବା କମିଟିର ମୋଟ୍ ବୈଠକର ତିନି ଚତୁର୍ଥାଂଶରୁ କମ୍‌ରେ ଯୋଗଦାନ କରିବାରେ ବିଫଳ ହୁଅନ୍ତି ;

୪- କମିଟି ଏକ ନ୍ୟାୟାଧିଶ ମଣ୍ଡଳୀ ରୂପେ କାର୍ଯ୍ୟ କରିବେ ଏବଂ କମିଟିର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ଆଇନ୍, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨) ଅନୁଯାୟୀ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅଥବା ଯଥାସ୍ଥିତି ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ନ୍ୟସ୍ତ କରାଯାଇଥାଏ ।

**୩୦. କମିଟି ସମ୍ପର୍କୀୟ କାର୍ଯ୍ୟବିଧି ଇତ୍ୟାଦି-**

(୧) କମିଟି ସେହିସବୁ ଦିବସରେ ବସିବ ଏବଂ ବୈଠକମାନଙ୍କରେ କାର୍ଯ୍ୟନିର୍ବାହ ସଂକ୍ରାନ୍ତରେ ସେହିସବୁ ନିୟମାବଳୀ ଅନୁସରଣ କରିବ, ଯାହାକି ବିହିତ କରାଯାଇପାରେ ।

(୨) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ନିରାପଦ ହେପାଜତ୍‌ରେ ନ୍ୟସ୍ତ କରିବା କିମ୍ବା ଅନ୍ୟ କୌଣସି ପ୍ରକାରେ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ତାକୁ କମିଟିର ବୈଠକ ବସିନଥିବା ସମୟରେ ଏହାର ଯେ କୌଣସି ସଦସ୍ୟଙ୍କ ନିକଟରେ ହାଜର କରାଯାଇପାରେ ।

(୩) କୌଣସି ମଧ୍ୟବର୍ତ୍ତୀ କାଳୀନ ନିଷ୍ପତ୍ତି ଗ୍ରହଣ କଲାବେଳେ ଯଦି କମିଟିର ସଦସ୍ୟମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦିଏ, ତେବେ ସଂଖ୍ୟାଧିକ ମତ କାଏମ୍ ରହିବ, କିନ୍ତୁ ଯେଉଁସ୍ଥଳେ ଏପରି ସଂଖ୍ୟାଗରିଷ୍ଠତା ପ୍ରକାଶ ନପାଏ, ସେପରି ସ୍ଥଳେ ଅଧ୍ୟକ୍ଷଙ୍କର ମତ କାଏମ୍ ରହିବ ।

(୪) ଉପଧାରା(୧) ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ଅଧୀନରେ ରହି, କୌଣସି ସଦସ୍ୟ ଅନୁପସ୍ଥିତ ଥିଲେ ମଧ୍ୟ କମିଟି ନିଜର କାର୍ଯ୍ୟ କରିପାରନ୍ତି ଏବଂ କମିଟିଙ୍କର କୌଣସି ଆଦେଶ କେବଳ ଏହି କାରଣରୁ ଅସିଦ୍ଧ ହୋଇଯିବନି ଯେ, କାର୍ଯ୍ୟବିଧିର କୌଣସି ପର୍ଯ୍ୟାୟରେ କେହି ସଦସ୍ୟ ଅନୁପସ୍ଥିତ ଥିଲେ ।

**୩୧. କମିଟିଙ୍କର କ୍ଷମତାବଳୀ -**

(୧) ବାଳୁତମାନଙ୍କର ଯତ୍ନ, ସୁରକ୍ଷା, ଚିକିତ୍ସା, ବିକାଶ ଓ ଥଇଥାନ ତଥା ସେମାନଙ୍କର ମୌଳିକ ଆବଶ୍ୟକତାଗୁଡ଼ିକୁ ଯୋଗାଇଦେବା ତଥା ସେମାନଙ୍କର ମାନବିକ ଅଧିକାରସମୂହର ସୁରକ୍ଷା କରିବା ସମ୍ପର୍କୀୟ ମାମଲାଗୁଡ଼ିକର ଫଇସଲା ପାଇଁ ଚୂଡ଼ାନ୍ତ କର୍ତ୍ତୃତ୍ୱ କମିଟିଙ୍କ ଠାରେ ନ୍ୟସ୍ତ ରହିବ ।

(୨) କେବଳ ଏହି ଆଇନ୍‌ରେ ଯଦି କିଛି ବ୍ୟବସ୍ଥା ସୁସ୍ପଷ୍ଟ ଭାବେ ସୂଚୀତ ହୋଇଥାଏ, ତେବେ ତାକୁ ବ୍ୟାବୃତ୍ତ ରଖି, ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥାଉନା କାହିଁକି, ଯେଉଁସ୍ଥଳେ ଏକ ଇଲାକା ପାଇଁ ଗୋଟିଏ କମିଟି ଗଠିତ ହୋଇଥାଏ, ସେପରି ସ୍ଥଳେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ଉଦ୍ଦେଶ୍ୟରେ ଏହି ଆଇନ୍ ଅନୁଯାୟୀ ଅନୁଷ୍ଠିତ ସମସ୍ତ କାର୍ଯ୍ୟବିଧିକୁ ବୁଝାଶୁଝା କରିବାର ଏକାନ୍ତ କ୍ଷମତା ଏହି କମିଟିର ରହିବ ।

**୩୨. କମିଟିଙ୍କ ସମ୍ମୁଖରେ ହାଜର କରାଇବା-**

(୧) ନିମ୍ନରେ ସୂଚୀତ ବ୍ୟକ୍ତିଗଣଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତି ଯତ୍ନ ଓ ସୁରକ୍ଷା ଲୋଡୁଥିବା କୌଣସି ଏକ ବାଳୁତକୁ କମିଟିଙ୍କ ସମ୍ମୁଖରେ ହାଜର କରିପାରନ୍ତି-

(୧) କୌଣସି ପୋଲିସ୍ ଅଫିସର୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ଜଣେ ପଦନାମିତ ପୋଲିସ୍ ଅଫିସର୍ ;

(୨) କୌଣସି ସର୍ବଧାରଣ କର୍ମଚାରୀ ;

(୩) ଚାଇଲ୍ଡ଼ ଲାଇନ୍, କୌଣସି ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ ଅଥବା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିବା କୌଣସି ସ୍ୱେଚ୍ଛାସେବୀ ସଂଗଠନ ବା ସଂସ୍ଥାଙ୍କ ଦ୍ୱାରା ;

(୪) କୌଣସି ସମାଜ କର୍ମୀ ବା ସର୍ବସାଧାରଣ ମନୋଭାବାପନ୍ନ ବ୍ୟକ୍ତି, କିମ୍ବା

(୫) ନିଜେ ବାଳୁତଙ୍କ ଦ୍ୱାରା :

**ପରନ୍ତୁ,** କୌଣସି କାଳ ବିଳମ୍ବ ନକରି କେବଳ ଯାତ୍ରାପାଇଁ ଯେତିକି ସମୟ ଲାଗିବ, ତାକୁ ବାଦ୍ ଦେଇ ମୋଟ୍ ଚବିଶ ଘଣ୍ଟା ଭିତରେ ସଂପୃକ୍ତ ବାଳୁତଙ୍କୁ କମିଟିଙ୍କ ନିକଟରେ ହାଜର କରାଯିବ ।

(୨) ପୋଲିସ୍ ଓ କମିଟି ନିକଟରେ ରିପୋର୍ଟ ପେଶ୍ କରିବାର ପ୍ରଣାଳୀ, ଏବଂ ଅନୁସନ୍ଧାନ ସମାପ୍ତ ନହେବା ପର୍ଯ୍ୟନ୍ତ ସଂପୃକ୍ତ ବାଳୁତଙ୍କୁ 'ଶିଶୁଗୃହ'କୁ ପ୍ରେରଣ ଏବଂ ଅର୍ପଣ କରିବାର ପ୍ରଣାଳୀ ବିଷୟରେ ବ୍ୟବସ୍ଥାମାନ ସ୍ଥିରିତ କରିବା ବିଷୟରେ ରାଜ୍ୟ ସରକାର ଏହି ଆଇନ୍ ସହ ସଂଗତି ରକ୍ଷାକରି ନିୟମାବଳୀ ପ୍ରଣୟନ କରିପାରନ୍ତି ।

## ୩୩. ଅନୁସନ୍ଧାନ-

(୧) ଧାରା ୩୨ ଅଧୀନରେ ଏକ ରିପୋର୍ଟ ପାଇବା କ୍ଷଣି କମିଟି ବିହିତ ପ୍ରଣାଳୀରେ ଏକ ଅନୁସନ୍ଧାନ କରାଇବେ, ଏବଂ କମିଟି ନିଜଆଡୁ କିମ୍ବା ଧାରା ୩୨ର ଉପଧାରା (୧)ରେ ସୂଚୀତ ଥିବା କୌଣସି ବ୍ୟକ୍ତି ବା ସଂସ୍ଥା ଠାରୁ ରିପୋର୍ଟ ପାଇବା ପରେ ଜଣେ ସମାଜ କର୍ମୀ ବା ବାଳୁତ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଏକ ତ୍ୱରିତ ଅନୁସନ୍ଧାନ କରାଯିବା ଉଦ୍ଦେଶ୍ୟରେ ବାଳୁତଟିକୁ ଏକ ଶିଶୁଗୃହକୁ ପଠାଯିବା ନିମନ୍ତେ ଆଦେଶ ଜାରି କରିପାରନ୍ତି ।

(୨) ଆଦେଶ ମିଳିବା ଠାରୁ ଚାରିମାସ ମଧ୍ୟରେ କିମ୍ବା କମିଟିଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ମତେ ଏହାଠାରୁ କମ୍ ସମୟ ମଧ୍ୟରେ ଏହି ଧାରା ଅନୁଯାୟୀ ଏକ ଅନୁସନ୍ଧାନ ସମାପ୍ତ ହେବ :

**ପରନ୍ତୁ,** ଅନୁସନ୍ଧାନର ରିପୋର୍ଟକୁ ଦାଖଲ କରିବାର ସମୟସୀମାକୁ ସେଭଳି ମତେ ବୃଦ୍ଧି କରାଯାଇପାରେ, ଯାହାକି କମିଟି ପାରିପାର୍ଶ୍ୱିକ ଅବସ୍ଥା ଓ ସେହିସବୁ କାରଣଗୁଡିକ ପ୍ରତି ଦୃଷ୍ଟି ଦେଇ ଧାର୍ଯ୍ୟ କରିପାରନ୍ତି, ଯାହାକି ସେ ଲିଖିତ ଭାବେ ଦର୍ଶାଇଥିବେ ।

(୩) ରାଜ୍ୟ ସରକାର କମିଟିଙ୍କ ନିକଟରେ ବକେୟା ପଡୁଥିବା ଅମୀମାଂସିତ ମାମଲାଗୁଡିକୁ ପ୍ରତି ଛ ମାସରେ ସମୀକ୍ଷା କରିବେ, ଏବଂ ଅଧିକ ସଂଖ୍ୟାରେ ବୈଠକଗୁଡିକୁ ଡକାଇବା ପାଇଁ କମିଟିଙ୍କୁ ନିର୍ଦ୍ଦେଶ ଦେବେ କିମ୍ବା ଅତିରିକ୍ତ ସଂଖ୍ୟକ କମିଟି ସ୍ଥାପନା ପାଇଁ ବ୍ୟବସ୍ଥା କରିପାରିବେ ।

(୪) ଅନୁସନ୍ଧାନ ସମାପ୍ତ ହେବା ପରେ ଯଦି କମିଟି ମନେ କରନ୍ତି ଯେ, ଉକ୍ତ ବାଳୁତର କୌଣସି ପରିବାର ନାହିଁ, କିମ୍ବା ତା' ପାଇଁ କୌଣସି ସୂତ୍ରରୁ ସୁଦୃଶ୍ୟ ସହାୟତା ନାହିଁ, କିମ୍ବା ତା' ପାଇଁ ଲଗାତାର ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଅଛି, ତେବେ ସେହି ବାଳୁତ ପାଇଁ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ଧାର୍ଯ୍ୟ ନିହେବା ଯାଏଁ କିମ୍ବା ସେହି ବାଳୁତ ଅଠର ବର୍ଷରେ ନ ପହଞ୍ଚିବା ଯାଏଁ କମିଟି ସେହି ବାଳୁତକୁ ଏକ ଶିଶୁଗୃହ ବା ଆଶ୍ରୟ ଗୃହରେ ରଖାଯିବା ପାଇଁ ଅନୁମତି ଦେଇପାରନ୍ତି ।

## ୩୪. ଶିଶୁଗୃହସମୂହ -

(୧) ଅନୁସନ୍ଧାନ ସମାପ୍ତ ନହେବା ଯାଏଁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ଆଶ୍ରୟ ପାଇଁ ତଥା ପରବର୍ତ୍ତୀ ସମୟରେ ସେମାନଙ୍କର ଯତ୍ନ, ଚିକିତ୍ସା, ଶିକ୍ଷା, ପ୍ରଶିକ୍ଷଣ, ବିକାଶ ଏବଂ ଥଇଥାନ ପାଇଁ

ରାଜ୍ୟ ସରକାର ନିଜେ ଅଥବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଯୋଗରେ ପ୍ରତ୍ୟେକ ଜିଲ୍ଲାପାଇଁ ବା ଯଥାସ୍ଥିତି ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଶିଶୁଗୃହଗୁଡିକର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ କରିପାରନ୍ତି ।

(୨) ଶିଶୁଗୃହମାନଙ୍କ ଦ୍ୱାରା ଯେଉଁ ମାନଦଣ୍ଡ ନିର୍ବାହ କରାଯିବ ଓ ଯେଉଁ ପ୍ରକାର ସେବାମାନ ପ୍ରଦାନ କରାଯିବ, ତତ୍‌ସହିତ ଶିଶୁଗୃହଗୁଡିକର ପରିଚାଳନା ତଥା କେଉଁ ସ୍ଥିତିରେ ଏବଂ କେଉଁ ପ୍ରଣାଳୀରେ ଗୋଟିଏ ଶିଶୁଗୃହକୁ ବିଜ୍ଞପ୍ତି କରାଯିବ ବା ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତି ସ୍ୱୀକୃତି ପ୍ରଦାନ ବା ସ୍ୱୀକୃତିର ପ୍ରତ୍ୟାହାର କରାଯିବ, ସେସବୁ ବିଷୟରେ ରାଜ୍ୟ ସରକାର ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରି ବ୍ୟବସ୍ଥା କରିପାରନ୍ତି ।

(୩) ବର୍ତ୍ତମାନ ପ୍ରଚଳିତ ଥିବା ଅନ୍ୟ କୌଣସି ଆଇନ୍‌ରେ ଥିବା କୌଣସି ବ୍ୟବସ୍ଥାକୁ ପ୍ରତିହତ ନକରି, ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସଂସ୍ଥା, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ଅଥବା ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଦ୍ୱାରା ପରିଚାଳିତ ହୋଇଥାଇ ପାରନ୍ତି, କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ସଂଶୋଧନ ଆଇନ୍, ୨୦୦୬ର ପ୍ରାରମ୍ଭ ତାରିଖର ଛ ମାସ ସମୟ-ସୀମା ଭିତରେ ଏହି ଆଇନ୍ ଅଧୀନରେ ପଞ୍ଜିକୃତ ହେବେ, ଏବଂ ସେହି ପ୍ରଣାଳୀରେ ଯାହା କି ବିହିତ ହୋଇପାରେ ।

**୩୫. ନିରୀକ୍ଷଣ-**

(୧) ରାଜ୍ୟ ସରକାର ରାଜ୍ୟ, ପ୍ରତି ଜିଲ୍ଲା ବା ଯଥାସ୍ଥିତି ପ୍ରତି ସହର ପାଇଁ ଶିଶୁଗୃହସମୂହଙ୍କ ପାଇଁ ନିରୀକ୍ଷଣ କମିଟିମାନ (ଏହା ପରଠାରୁ ନିରୀକ୍ଷଣ କମିଟି ବୋଲି ସୂଚୀତ) ସେପରି ସମୟ-ଅବଧି ଏବଂ ସେପରି ଉଦ୍ଦେଶ୍ୟସମୂହ ପାଇଁ ନିଯୁକ୍ତ କରିପାରନ୍ତି, ଯାହାକି ବିହିତ ହୋଇପାରେ ।

(୨) ରାଜ୍ୟ, ଜିଲ୍ଲା ବା ଏକ ସହର ପାଇଁ ନିଯୁକ୍ତ ହୋଇଥିବା ଏକ ନିରୀକ୍ଷଣ କମିଟିରେ ରାଜ୍ୟ ସରକାର, କମିଟି ଓ ସ୍ୱେଚ୍ଛସେବୀ ସଙ୍ଗଠନମାନଙ୍କର ସେତିକି ସଂଖ୍ୟକ ପ୍ରତିନିଧିଙ୍କ ସହିତ ସେପରି ଚିକିତ୍ସା ବିଶେଷଜ୍ଞ ଓ ସମାଜକର୍ମୀ ରହିବେ, ଯାହାକି ବିହିତ କରାଯାଇପାରେ ।

**୩୬. ସାମାଜିକ ସମୀକ୍ଷଣ-**

କେନ୍ଦ୍ର ସରକାର ବା ରାଜ୍ୟ ସରକାର ଶିଶୁଗୃହଗୁଡିକର କାର୍ଯ୍ୟକଳାପକୁ ସେହି ସମୟାନ୍ତରରେ ଏବଂ ସେହି ବ୍ୟକ୍ତିଗଣ ଓ ଅନୁଷ୍ଠାନମାନଙ୍କ ଜରିଆରେ ତଦାରଖ ଓ ମୂଲ୍ୟାୟନ କରିପାରନ୍ତି, ଯାହାକି ସରକାରଙ୍କ ଦ୍ୱାରା ବିହିତ ହୋଇପାରେ ।

**୩୭. ଆଶ୍ରୟ ଗୃହମାନ-**

(୧) ରାଜ୍ୟ ସରକାର ସୁପରିଚିତ ଏବଂ ସୁଦକ୍ଷ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ସହାୟତା ଯୋଗାଇ ପାରନ୍ତି, ଯାହା ଫଳରେ ସେମାନେ କିଶୋର ବା ବାଳୁତମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଆଶ୍ରୟ ଗୃହର ସ୍ଥାପନା ଏବଂ ପରିଚାଳନା କରିପାରିବେ ।

(୨) ଉପଧାରା (୧)ରେ ସୂଚୀତ ହୋଇଥିବା ଆଶ୍ରୟ ଗୃହମାନ ଜରୁରୀ ସହାୟତା ଲୋଡୁଥିବା ସେହିସବୁ ବାଳୁତମାନଙ୍କ ପାଇଁ ଏକ ସାମୟିକ ରହଣି କେନ୍ଦ୍ର ଭାବେ କାର୍ଯ୍ୟକରିବେ, ଯେଉଁମାନେ କି ଧାରା ୩୨ର ଉପଧାରା(୧)ରେ ସୂଚୀତ ବ୍ୟକ୍ତିମାନଙ୍କ ମାଧ୍ୟମରେ ଏତଦୃଶ ଗୃହକୁ ଅଣାହୋଇଥାନ୍ତି ।

(୩) ଯେତେଦୂର ସମ୍ଭବ ଆଶ୍ରୟ ଗୃହମାନଙ୍କରେ ସେହିସବୁ ସୁବିଧାମାନ ମିଳି ପାରୁଥିବ, ଯାହାକି ନିୟମାବଳୀ ଦ୍ୱାରା ବିହିତ ହୋଇପାରେ ।

**୩୮. ସ୍ଥାନାନ୍ତରଣ -**

(୧) ଅନୁସନ୍ଧାନ ଚାଲୁଥିବା ସମୟରେ ଯଦି ଜଣାପଡେ ଯେ, କମିଟିର କ୍ଷେତ୍ରାଧିକାର ବାହାରେ ଥିବା ଏକ ସ୍ଥାନରୁ ସଂପୃକ୍ତ ବାଳୁତ ଜଣକ ଆସିଛି, ତେବେ କମିଟି ସେହି ବାଳୁତକୁ ଏପରି ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ସ୍ଥାନାନ୍ତରଣ ପାଇଁ ଆଦେଶ ଦେବେ, ଯାହାଙ୍କ କ୍ଷେତ୍ରାଧିକାର ଅଧୀନରେ ଉକ୍ତ ବାଳୁତର ବାସସ୍ଥାନ ଅବସ୍ଥିତ ।

(୨) ସ୍ଥାନାନ୍ତରିତ ହେଉଥିବା ଉକ୍ତ ବାଳୁତ ସଙ୍ଗରେ ସେହି ଗୃହର କର୍ମଚାରୀ ମାନେ ଯିବେ, ଯେଉଁ ଗୃହରେ ସେ ପ୍ରଥମେ ଆଶ୍ରିତ ଥିଲା ।

(୩) ସଂପୃକ୍ତ ବାଳୁତ ପାଇଁ ଗସ୍ତଭତ୍ତା ପଇଠ କରାଯିବା ସକାଶେ ସରକାର ନିୟମାବଳୀ ବଳରେ ବ୍ୟବସ୍ଥା କରିପାରନ୍ତି ।

**୩୯. ପୁନରାର୍ପଣ-**

(୧) ପ୍ରତି ଶିଶୁଗୃହ ବା ଆଶ୍ରୟଗୃହର ମୁଖ୍ୟ ଉଦ୍ଦେଶ୍ୟ ହେବ ଜଣେ ବାଳୁତର ପୁନରାର୍ପଣ ଏବଂ ସୁରକ୍ଷା ।

(୨) ଯେଉଁସ୍ଥଳେ ଜଣେ ବାଳୁତ ନିଜର ପାରିବାରିକ ବାତାବରଣରୁ ସାମୟିକ ଭାବେ ବା ସବୁଦିନ ପାଇଁ ବଞ୍ଚିତ ହୋଇଥିବା କାରଣରୁ ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଗୋଟିଏ ଶିଶୁଗୃହ ବା ଯଥାସ୍ଥିତି ଆଶ୍ରୟଗୃହରେ ସ୍ଥାନିତ ହୋଇଥାଏ, ସେପରି ସ୍ଥଳେ ଉକ୍ତ ଶିଶୁଗୃହ ବା ଯଥାସ୍ଥିତି ଆଶ୍ରୟଗୃହ ସେହି ସମସ୍ତ ପଦକ୍ଷେପ ଗ୍ରହଣ କରିବେ, ଯାହାକି ଉକ୍ତ ବାଳୁତର ପୁନରାର୍ପଣ ଓ ସୁରକ୍ଷା ପାଇଁ ଆବଶ୍ୟକ ।

(୩) ଯତ୍ନ ଓ ସୁରକ୍ଷା ଲୋଡୁଥିବା କୌଣସି ଜଣେ ବାଳୁତକୁ ତାହାର ପିତାମାତା, ଅଭିଭାବକ, ସମର୍ଥ ବ୍ୟକ୍ତି ବା ଯଥାସ୍ଥିତି ସମର୍ଥ ଅନୁଷ୍ଠାନ ନିକଟରେ ପୁନରାର୍ପଣ କରିବାର କ୍ଷମତା କମିଟିର ରହିବ ଏବଂ କମିଟି ସେମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବ ।

**ସ୍ପଷ୍ଟୀକରଣ-** ଏହି ଧାରାର ଉଦ୍ଦେଶ୍ୟାର୍ଥେ 'ଜଣେ ବାଳୁତର ପୁନରାର୍ପଣ ଏବଂ ସୁରକ୍ଷା'ର ଅର୍ଥ ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ପୁନରାର୍ପଣ-

(ଏ) ପିତାମାତା;

(ବି) ପୋଷ୍ୟତା ଗ୍ରହଣକାରୀ ପିତାମାତା ;

(ସି) ପୋଷକ ପିତାମାତା ;

(ଡି) ଅଭିଭାବକ ;

(ଇ) ସମର୍ଥ ବ୍ୟକ୍ତି ;

(ଏଫ୍) ସମର୍ଥ ଅନୁଷ୍ଠାନ ।

# ଚତୁର୍ଥ ଅଧ୍ୟାୟ
# ଥଇଥାନ ଓ ସାମାଜିକ ପୁନର୍ମିଳନ

## ୪୦. ଥଇଥାନ ଓ ସାମାଜିକ ପୁନର୍ମିଳନର ପ୍ରକ୍ରିୟା-

ଜଣେ ବାଳୁତ ଏକ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହରେ ଆଶ୍ରିତ ଥିବା ସମୟରେ ତା'ର ଥଇଥାନ ଓ ସାମାଜିକ ପୁନର୍ମିଳନର କାର୍ଯ୍ୟ ଆରମ୍ଭ କରାଯିବ ଏବଂ ଏହି ଥଇଥାନ ଓ ସାମାଜିକ ପୁନର୍ମିଳନକୁ ବାସ୍ତବାୟନ କରିହେବ ଏହିସବୁ ବିକଳ୍ପ ଦ୍ୱାରା, ଯଥା (୧) ପୋଷ୍ୟତା (୨) ପୋଷକ ଯତ୍ନ, (୩) ପୃଷ୍ଠପୋଷକତା, ଏବଂ (୪) ବାଳୁତକୁ ଏକ ଯତ୍ନ-ଉତ୍ତର ଅନୁଷ୍ଠାନକୁ ପଠାଯିବା ।

## ୪୧. ପୋଷ୍ୟ ସନ୍ତାନ ଗ୍ରହଣ-

(୧) ବାଳୁତମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇଦେବାର ମୁଖ୍ୟ ଦାୟିତ୍ୱ ହେଉଛି ବାଳୁତର ପରିବାର ।

(୨) ଯେଉଁସବୁ ବାଳୁତ ପିତୃମାତୃହୀନ, ପରିତ୍ୟକ୍ତ, ଏବଂ ବିହିତ ହେବାକୁ ଥିବା ପ୍ରଣାଳୀରେ ହସ୍ତାନ୍ତରିତ ହୋଇଛନ୍ତି, ସେମାନଙ୍କର ଥଇଥାନ ପାଇଁ ପୋଷ୍ୟ ଗ୍ରହଣକୁ ଅବଲମ୍ବନ କରାଯିବ ।

(୩) ରାଜ୍ୟ ସରକାର ବା କେନ୍ଦ୍ରୀୟ ପୋଷ୍ୟ-ଗ୍ରହଣ ସମ୍ବଳ ସଂସ୍ଥା (ସି.ଏ.ଆର୍.ଏ.) ବା କେନ୍ଦ୍ର ସରକାରଙ୍କ ଦ୍ୱାରା ପୋଷ୍ୟଗ୍ରହଣ ଉପରେ ସମୟାନ୍ତରରେ ଜାରି କରାଯାଉଥିବା ବିବିଧ ମାର୍ଗଦର୍ଶୀକା ସହ ସଙ୍ଗତି ରକ୍ଷା କରି ଏକ ଅଦାଲତ ଦ୍ୱାରା ବାଳୁତମାନଙ୍କର ପୋଷ୍ୟାର୍ପଣ କାର୍ଯ୍ୟକାରୀ କରାଯାଇପାରେ, କିନ୍ତୁ ପୋଷ୍ୟଗ୍ରହଣକୁ ମଞ୍ଜୁରି ଦେବା ପୂର୍ବରୁ ସଂପୃକ୍ତ ଅଦାଲତ ନିଜେ ହୃଦ୍‌ବୋଧ କରିଥିବେ ଯେ, କୌଣସି ବାଳୁତକୁ ପୋଷ୍ୟସନ୍ତାନ ରୂପେ ଅର୍ପଣ କରାଯିବା ପୂର୍ବରୁ ଯେଉଁ ପ୍ରକାର ଅନୁସନ୍ଧାନ କରାଯିବା ଆବଶ୍ୟକ, ତାହା ଯଥାର୍ଥ ଢଙ୍ଗରେ ସମ୍ପାଦିତ ହୋଇଛି ।

(୪) ଉପଧାରା (୩) ଅଧୀନରେ ବିଜ୍ଞପ୍ତି କରାଯାଇଥିବା ମାର୍ଗଦର୍ଶୀକା ଅନୁଯାୟୀ ପୋଷ୍ୟ ସନ୍ତାନ ରୂପେ ଅର୍ପଣ କରାଯିବାକୁ ଥିବା ପିତୃମାତୃହୀନ, ପରିତ୍ୟକ୍ତ ବା ସମର୍ପିତ ବାଳୁତମାନଙ୍କର ଆଶ୍ରୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ନିଜ ନିୟନ୍ତ୍ରଣ ଅଧୀନରେ ଥିବା ଏକ ବା ଏକାଧିକ ସଂସ୍ଥା ବା ସ୍ୱେଚ୍ଛାସେବୀ ସଂଗଠନଙ୍କୁ ବିଶେଷ-ଅଭିଜ୍ଞତାସମ୍ପନ୍ନ ପୋଷ୍ୟ-ଗ୍ରହଣ ସଂସ୍ଥା ରୂପେ ସେହି ପ୍ରଣାଳୀରେ ସ୍ୱୀକୃତି ପ୍ରଦାନ କରିପାରନ୍ତି, ଯାହାକି ବିହିତ ହୋଇପାରେ :

**ପରନ୍ତୁ,** ପିତୃମାତୃହୀନ, ପରିତ୍ୟକ୍ତ ବା ସମର୍ପିତ ହୋଇଥିବା ତଥା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ଶିଶୁଗୃହ ବା ସ୍ୱେଚ୍ଛାସେବୀ ସଂଗଠନସମୂହ ଏହାକୁ ସୁନିଶ୍ଚିତ କରିବେ ଯେ, ସଂପୃକ୍ତ କମିଟିଙ୍କ ଦ୍ୱାରା ଏହି ବାଳୁତମାନେ ପୋଷ୍ୟ ଗ୍ରହଣ ପାଇଁ ଉପଯୁକ୍ତ ବୋଲି ଘୋଷିତ ହୋଇଛନ୍ତି ଏବଂ ଏପ୍ରକାର ସମସ୍ତ ବାଳୁତଙ୍କ ବିଷୟ ସଂପୃକ୍ତ ଜିଲ୍ଲାରେ ଥିବା ପୋଷ୍ୟଗ୍ରହଣ ସଂସ୍ଥାଙ୍କୁ ସୂଚୀତ କରାଯିବ, ଯାହା ଫଳରେ ଉପଧାରା (୩) ଅଧୀନରେ ବିଜ୍ଞପ୍ତି ହୋଇଥିବା ମାର୍ଗଦର୍ଶୀକା ଅନୁଯାୟୀ ସେହି ବାଳୁତମାନେ ପୋଷ୍ୟ ସନ୍ତାନ ରୂପେ ଅର୍ପିତ ହୋଇପାରିବେ ।

(୫) କୌଣସି ବାଳୁତକୁ ପୋଷ୍ୟ ସନ୍ତାନ ରୂପେ ଅର୍ପଣ କରାଯାଇ ପାରିବ ନାହିଁ -

ଏ. ଯଦି ଜଣେ ପରିତ୍ୟକ୍ତ ବାଳୁତ କ୍ଷେତ୍ରରେ କମିଟିର ଦୁଇଜଣ ସଦସ୍ୟ ସେହି ବାଳୁତ ଆଇନତଃ ପୋଷ୍ୟ ସନ୍ତାନ ରୂପେ ଅର୍ପଣ କରାଯିବା ପାଇଁ ଉପଯୁକ୍ତ ବୋଲି ଘୋଷଣା କରିନଥାନ୍ତି ,

ବି. ସର୍ମପିତ ସନ୍ତାନ କ୍ଷେତ୍ରରେ ସଂପୃକ୍ତ ପିତାମାତାଙ୍କ ପୁନର୍ବିଚାର ନିମନ୍ତେ ଉଦ୍ଦିଷ୍ଟ ଦୁଇମାସ ସମୟ-ସୀମା ଅତିକ୍ରାନ୍ତ ହେବା ପର୍ଯ୍ୟନ୍ତ, ଏବଂ

ସି. ବୋଧଶକ୍ତି ଥିବା ଏବଂ ନିଜର ସମ୍ମତି ପ୍ରକାଶ କରିବାକୁ ସମର୍ଥ ହୋଇଥିବା ଜଣେ ବାଳୁତ କ୍ଷେତ୍ରରେ ତା'ର ସମ୍ମତି ବିନା ।

(୬) ଜଣେ ବାଳୁତକୁ ପୋଷ୍ୟ-ସନ୍ତାନ ଭାବେ ଅର୍ପଣ ପାଇଁ ଅଦାଲତ ନିମ୍ନମତେ ଅନୁମତି ଦେଇପାରନ୍ତି-

(ଏ) ଜଣେ ବ୍ୟକ୍ତିଙ୍କୁ , ତାଙ୍କର ବୈବାହିକ ସ୍ଥିତି ଯାହା ହୋଇଥାଉନା କାହିଁକି ;

(ବି) ପୁଣି ସମାନ ଲିଙ୍ଗବିଶିଷ୍ଟ ଜଣେ ପିଲାକୁ ପୋଷ୍ୟ-ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ସେଭଳି ପିତାମାତାଙ୍କୁ, ଯାହାଙ୍କର ଯେତେସଂଖ୍ୟାରେ ଜୀବିତ ପୁଅ ବା ଝିଅ ଥାଆନ୍ତୁ ନା କାହିଁକି ; କିମ୍ବା

(ସି) ନିଃସନ୍ତାନ ଦମ୍ପତିଙ୍କୁ ।

**୪୨. ପୋଷକ ଯତ୍ନ -**

(୧) ଯେଉଁ ବାଳୁତମାନଙ୍କୁ ପୋଷ୍ୟ ସନ୍ତାନ ରୂପେ ଅର୍ପଣ କରିବା ପାଇଁ ଚୁଡାନ୍ତ ହୋଇଛି, ସେମାନଙ୍କୁ ସାମୟିକ ଆଶ୍ରୟ ଦେବା ଉଦ୍ଦେଶ୍ୟରେ ପୋଷକ ଯତ୍ନକୁ ଉପଯୋଗ କରାଯାଇ ପାରେ ।

(୨) ପୋଷକ ଯତ୍ନ କ୍ଷେତ୍ରରେ ପରିସ୍ଥିତିକୁ ଚାହିଁ ସଂପୃକ୍ତ ବାଳୁତକୁ ଅନ୍ୟ ଗୋଟିଏ ପରିବାରରେ ସ୍ୱଳ୍ପ ସମୟ ପାଇଁ ବା ଅଧିକ ସମୟ ପାଇଁ ସ୍ଥାନିତ କରାଯାଇପାରେ, ଯେଉଁ ସ୍ଥାନକୁ ବାଳୁତର ନିଜସ୍ୱ ପିତାମାତା ସ୍ୱାଭାବିକ ଭାବେ ନିୟମିତ ଯାତାୟତ କରୁଥିବେ ଏବଂ ଯେମିତି କି ସମୟ କ୍ରମେ ଥଇଥାନ ବ୍ୟବସ୍ଥା ମୁଣ୍ଡି ମରିବା ପରେ ସେହି ବାଳୁତ ନିଜ ଗୃହକୁ ଫେରି ଆସିପାରେ ।

(୩) ବାଳୁତମାନଙ୍କ ପାଇଁ ପୋଷକ ଯତ୍ନ କାର୍ଯ୍ୟକ୍ରମକୁ ନିର୍ବାହନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିୟମାବଳୀ ତିଆରି କରିପାରନ୍ତି ।

**୪୩. ପୃଷ୍ଠପୋଷକତା-**

(୧) ବାଳୁତମାନଙ୍କ ଜୀବନର ଗୁଣାତ୍ମକ ମାନକୁ ଉନ୍ନତ କରାଇବାର ଲକ୍ଷ୍ୟ ରଖି ସେମାନଙ୍କର ଚିକିତ୍ସା, ପୃଷ୍ଟିସାଧନ, ଶିକ୍ଷା ଏବଂ ଅନ୍ୟାନ୍ୟ ଆବଶ୍ୟକତା ମେଣ୍ଟାଇବା ଉଦ୍ଦେଶ୍ୟରେ ପୃଷ୍ଠପୋଷକତା କାର୍ଯ୍ୟକ୍ରମ ବଳରେ ସଂପୃକ୍ତ ପରିବାରମାନଙ୍କୁ, ଶିଶୁଗୃହଗୁଡିକୁ ଏବଂ ସ୍ୱତନ୍ତ୍ର ଗୃହଗୁଡିକୁ ଅତିରିକ୍ତ ସହାୟତା ଯୋଗାଇ ଦିଆଯାଇପାରେ ।

(୨) ବାଳୁତମାନଙ୍କର ପୃଷ୍ଠପୋକତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଯଥା ବ୍ୟକ୍ତିଗତ ପୃଷ୍ଠପୋଷକତା, ସମୂହ ପୃଷ୍ଠପୋଷକତା ବା ଗୋଷ୍ଠୀ ପୃଷ୍ଠପୋଷକତାକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିୟମାବଳୀ ପ୍ରସ୍ତୁତ କରିପାରନ୍ତି ।

**୪୪. ଯତ୍ନ-ପର ଅନୁଷ୍ଠାନ -**

ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରସ୍ତୁତ କରି ରାଜ୍ୟ ସରକାର ନିମ୍ନୋକ୍ତ ବିଷୟମାନ ପାଇଁ ବ୍ୟବସ୍ଥା ସ୍ଥାନିତ କରିପାରନ୍ତି-

(ଏ) ଯତ୍ନ-ପର ଅନୁଷ୍ଠାନଗୁଡିକର ସ୍ଥାପନା ବା ଏପରି ଅନୁଷ୍ଠାନଗୁଡିକୁ ସ୍ୱୀକୃତି ପ୍ରଦାନ ତଥା ଏପରି ଅନୁଷ୍ଠାନଗୁଡିକ ଦ୍ୱାରା ସମ୍ପାଦିତ ହେବାକୁ ଥିବା କାର୍ଯ୍ୟାବଳୀ;

(ବି) କିଶୋର ଏବଂ ବାଳୁତମାନେ ସ୍ୱତନ୍ତ୍ର ଗୃହ ଓ ଶିଶୁଗୃହରୁ ପ୍ରତ୍ୟାବର୍ତ୍ତନ କଲାପରେ ସେହି କିଶୋର ଏବଂ ବାଳୁତମାନଙ୍କର ଯତ୍ନ ନେବା ଏବଂ ସେମାନେ ଯେପରି ଏକ ସଚ୍ଚୋଟ, ପରିଶ୍ରମୀ ଏବଂ ଉପଯୋଗୀ ଜୀବନ ନିର୍ବାହ କରିପାରିବେ, ସେ ଦିଗରେ ସେମାନଙ୍କୁ ସମର୍ଥ କରାଇବା ଉଦ୍ଦେଶ୍ୟରେ ଏକ ଯତ୍ନ-ପର କାର୍ଯ୍ୟକ୍ରମ, ଯାହାକୁ ଉକ୍ତ ଯତ୍ନ-ପର ଅନୁଷ୍ଠାନମାନେ ଅନୁସରଣ କରିବେ ;

(ସି) ଜଣେ କିଶୋର ବା ବାଳୁତକୁ ସ୍ୱତନ୍ତ୍ର ଗୃହ ବା ଶିଶୁଗୃହରୁ ଖଲାସ କରାଯିବା ପୂର୍ବରୁ ସେହି କିଶୋର ବା ବାଳୁତ ପାଇଁ ଯତ୍ନ-ପର ବ୍ୟବସ୍ଥାର ଆବଶ୍ୟକତା ଏବଂ ତହିଁର ପ୍ରକାରଭେଦ, ତହିଁର ସମୟ-ଅବଧି ଏବଂ ତହିଁର ତତ୍ତ୍ୱାବଧାନ ବିଷୟରେ ଉକ୍ତ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପରିବୀକ୍ଷା ଅଧିକାରୀ (ପ୍ରୋବେସନ୍ ଅଫିସର୍) ବା ଅନ୍ୟ କୌଣସି ଅଧିକାରୀଙ୍କ ଦ୍ୱାରା ରିପୋର୍ଟ ପ୍ରସ୍ତୁତି ଏବଂ ଦାଖଲ ତଥା ସଂପୃକ୍ତ କିଶୋର ବା ବାଳୁତର ଅଗ୍ରଗତି ବିଷୟରେ ପରିବୀକ୍ଷା ଅଧିକାରୀ ବା ଏତଦ୍ ଉଦ୍ଦେଶ୍ୟରେ ନିଯୁକ୍ତ ହୋଇଥିବା ଅନ୍ୟ କୌଣସି ଅଧିକାରୀଙ୍କ ଦ୍ୱାରା ରିପୋର୍ଟ ଦାଖଲ ;

(ଡି) ଏହି ଯତ୍ନ-ପର ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁପାଳନୀୟ ସେବାସମୂହର ମାନଦଣ୍ଡ ଏବଂ ପ୍ରକାରଭେଦ ;

(ଇ) ସେହିସବୁ ଅନ୍ୟାନ୍ୟ ବିଷୟ, ଯାହା କି କିଶୋର ବା ବାଳୁତମାନଙ୍କ ଯତ୍ନ-ପର କାର୍ଯ୍ୟକ୍ରମକୁ କାର୍ଯ୍ୟରୂପ ଦେବା ପାଇଁ ଆବଶ୍ୟକ ମନେ ହୋଇପାରେ :

**ପରନ୍ତୁ,** ଏହି ଧାରା ଅଧୀନରେ ପ୍ରସ୍ତୁତ କୌଣସି ନିୟମ ଜଣେ କିଶୋର ବା ବାଳୁତକୁ ଗୋଟିଏ ଯତ୍ନ-ପର ଅନୁଷ୍ଠାନରେ ତିନିବର୍ଷରୁ ଅଧିକ ରଖିବା ପାଇଁ ଅନୁମତି ଦେବ ନାହିଁ :

**ପୁଣି ପରନ୍ତୁ,** ଜଣେ କିଶୋର ବା ବାଳୁତ, ଯାହାର ବୟସ ସତର ବର୍ଷରୁ ବେଶୀ, କିନ୍ତୁ ଅଠର ବର୍ଷରୁ କମ୍, ସେ କୋଡିଏ ବର୍ଷରେ ପହଞ୍ଚିବା ପର୍ଯ୍ୟନ୍ତ ଏକ ଯତ୍ନ-ପର ଅନୁଷ୍ଠାନରେ ରହିପାରିବ ।

**୪୫. ସଂଯୋଗ ଓ ସମନ୍ୱୟ-**

ବାଳୁତମାନଙ୍କର ଥଇଥାନ ଏବଂ ସାମାଜିକ ପୁନର୍ମିଳନକୁ ସହଜସାଧ୍ୟ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ସରକାରୀ, ବେସରକାରୀ, ନିଗମ ଏବଂ ଅନ୍ୟାନ୍ୟ ଗୋଷ୍ଠୀଭିତ୍ତିକ ସଂସ୍ଥାମାନଙ୍କ ମଧ୍ୟରେ ଫଳପ୍ରଦ ସଂଯୋଗ ରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନିୟମାବଳୀ ପ୍ରସ୍ତୁତ କରି ପାରନ୍ତି ।

# ପଞ୍ଚମ ଅଧ୍ୟାୟ
# ବିବିଧ

**୪୬. କିଶୋର ବା ବାଳୁତର ପିତାମାତା କିମ୍ବା ଅଭିଭାବକଙ୍କ ହାଜିରା-**

ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ, ଯାହାଙ୍କ ସମ୍ମୁଖରେ ଏହି ଆଇନ୍‌ର କୌଣସି ବ୍ୟବସ୍ଥା ଅନୁଯାୟୀ ଜଣେ କିଶୋର ବା ବାଳୁତଙ୍କୁ ହାଜର କରାଯାଇଥାଏ, ସେ ଉଚିତ୍ ମନେ କରୁଥିବା ଯେ କୌଣସି ସମୟରେ ସଂପୃକ୍ତ କିଶୋର ବା ବାଳୁତଙ୍କୁ ତାଙ୍କ ସମ୍ବନ୍ଧରେ ଚାଲୁଥିବା କୌଣସି ଏକ କାର୍ଯ୍ୟବିଧିରେ ହାଜିର୍ କରାଇବା ପାଇଁ ସେହି କିଶୋର ବା ବାଳୁତଙ୍କର ପ୍ରକୃତ ଦାୟିତ୍ୱ ବହନ କରୁଥିବା ପିତାମାତା ବା ଅଭିଭାବକଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ।

**୪୭. କିଶୋର ବା ବଳୁତକୁ ହାଜିରାରୁ ଅବ୍ୟାହିତ-**

ଏକ ଅନୁସନ୍ଧାନ ଜାରି ରହିଥିବାର ଯେ କୌଣସି ପର୍ଯ୍ୟାୟରେ ଯଦି ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏହା ହୃଦ୍‌ବୋଧ କରନ୍ତି ଯେ ଉକ୍ତ ଅନୁସନ୍ଧାନର ଉଦ୍ଦେଶ୍ୟ ହାସଲ ପାଇଁ ସଂପୃକ୍ତ କିଶୋର ବା ବାଳୁତଙ୍କ ପକ୍ଷେ ହାଜର୍ ରହିବା ଜରୁରୀ ନୁହେଁ, ତେବେ ସେ ଉକ୍ତ କିଶୋର ବା ବାଳୁତଙ୍କୁ ହାଜିରାରୁ ଅବ୍ୟାହିତ ଦେଇପାରନ୍ତି, ଏବଂ ଉକ୍ତ କିଶୋର ବା ବାଳୁତର ଅନୁପସ୍ଥିତିରେ ଅନୁସନ୍ଧାନ କାର୍ଯ୍ୟକୁ ବଜାୟ ରଖିପାରନ୍ତି ।

**୪୮. ସାଂଘାତିକ ରୋଗରେ ଆକ୍ରାନ୍ତ ଜଣେ କିଶୋର ବା ବାଳୁତକୁ ଅନୁମୋଦିତ ସ୍ଥାନରେ ଆଶ୍ରିତ କରିବା ଏବଂ ତା'ର ଭବିଷ୍ୟତ ସମ୍ପର୍କୀୟ ବ୍ୟବସ୍ଥା-**

(୧) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତଙ୍କୁ ଏହି ଆଇନ୍ ଅନୁଯାୟୀ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ହାଜର କରାଯାଇଥାଏ, ସେପରି ସ୍ଥଳେ ଯଦି ଜଣାପଡେ ଯେ, ଉକ୍ତ କିଶୋର ବା ବାଳୁତ ଏପରି ଏକ ରୋଗରେ ଆକ୍ରାନ୍ତ, ଯାହାପାଇଁ ଦୀର୍ଘକାଳୀନ ଡାକ୍ତରୀ ଚିକିତ୍ସା ଆବଶ୍ୟକ, ଅଥବା ସେ ଏପରି ଏକ ଶାରିରୀକ ବା ମାନସିକ ଅସୁସ୍ଥତାରେ ଆକ୍ରାନ୍ତ, ଯାହାପାଇଁ ଚିକିତ୍ସା ଆବଶ୍ୟକ, ତେବେ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏହି ଆଇନ୍ ଅଧୀନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ସ୍ୱୀକୃତିଲାଭ କରିଥିବା କୌଣସି ଅନୁମୋଦିତ ସ୍ଥାନକୁ ଉକ୍ତ କିଶୋର ବା ବାଳୁତଙ୍କୁ ଚିକିତ୍ସା ସକାଶେ ନିଜେ ଉଚିତ୍ ମନେକରୁଥିବା ସମୟ-ଅବଧି ପାଇଁ ପଠାଇପାରନ୍ତି ।

(୨) ଯେଉଁସ୍ଥଳେ ଜଣେ କିଶୋର ବା ବାଳୁତ କୁଷ୍ଠ, ଯୌନ-ସଂକ୍ରମିତ ବ୍ୟାଧି, ହେପାଟାଇଟିସ୍-ବି, ପ୍ରକାଶ୍ୟ ରାଜଯକ୍ଷ୍ମା, ବା ସେପରି ଧରଣର ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ, ବା ତାଙ୍କର ମସ୍ତିଷ୍କ ବିକୃତି ଘଟିଛି ବୋଲି ଜଣାପଡେ, ତେବେ ବିଭିନ୍ନ ସ୍ୱତନ୍ତ୍ର ପରାମର୍ଶଦାତା ସେବା-ସଂସ୍ଥାମାନଙ୍କ ଦ୍ୱାରା ଅଥବା ପ୍ରାସଙ୍ଗିକ ଆଇନ୍‌ସମୂହ ଅଧୀନରେ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ।

**୪୯. ବୟସ ସମ୍ବନ୍ଧରେ ଅନୁମାନ ଏବଂ ନିର୍ଦ୍ଧାରଣ-**

(୧) ଯେଉଁସ୍ଥଳେ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ପ୍ରତୀତ ହୁଏ ଯେ, ଏହି ଆଇନ୍‌ର କୌଣସି ବ୍ୟବସ୍ଥା (ସାକ୍ଷ୍ୟଦାନ ଉଦ୍ଦେଶ୍ୟ ବ୍ୟତିରେକ) ଅନୁଯାୟୀ ତାଙ୍କ ସମ୍ମୁଖରେ ହାଜର କରାଯାଇଥିବା ବ୍ୟକ୍ତି ଜଣକ ଜଣେ କିଶୋର ବା ବାଳୁତ ଅଟନ୍ତି, ତେବେ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସେପରି ବ୍ୟକ୍ତିର ବୟସ ସମ୍ପର୍କରେ ଏକ ବିଧିବଦ୍ଧ ଅନୁସନ୍ଧାନ କରିବେ ଏବଂ ଏହି ଉଦ୍ଦେଶ୍ୟରେ ଆବଶ୍ୟକ ମୁତାବକ ସାକ୍ଷ୍ୟ-

ପ୍ରମାଣ (କିନ୍ତୁ ଏକ ଆଫିଡେଭିଟ୍ ବା ସତ୍ୟପାଠ ନୁହେଁ) ଗ୍ରହଣ କରିବେ ଏବଂ ସଂପୃକ୍ତ ବ୍ୟକ୍ତିଜଣଙ୍କର ଯଥାସମ୍ଭବ ନିର୍ଭୁଲ୍ ବୟସ ସୂଚୀତ କରି ସେ ଜଣେ କିଶୋର ବା ବାଳୁତ କି ନୁହେଁ, ଏ ସମ୍ପର୍କରେ ନିଜର ଆକଳନ ଲିପିବଦ୍ଧ କରିବେ ।

(୨) ଯଦି ପରବର୍ତ୍ତୀ ସମୟରେ ଏହା ପ୍ରମାଣିତ ହୁଏ ଯେ, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯେଉଁ ବ୍ୟକ୍ତିଙ୍କ ସମ୍ପର୍କରେ ଆଦେଶ ଦେଇଥିଲେ, ସେ ବ୍ୟକ୍ତି ଜଣକ କିଶୋର କି ବାଳୁତ ନୁହଁନ୍ତି, ତେବେ କେବଳ ସେହି କାରଣ ଭିତ୍ତିରେ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶ ଅବୈଧ ବୋଲି ବିବେଚିତ ହେବନାହିଁ ଏବଂ ଯେଉଁ ବ୍ୟକ୍ତିଙ୍କୁ ତାଙ୍କ ସାମନାରେ ହାଜର କରାଯାଇଥିଲା, ତାଙ୍କର ଯେଉଁ ବୟସ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବ, ତାହା ହିଁ ଏହି ଆଇନ୍‌ର ଉଦ୍ଦେଶ୍ୟାର୍ଥେ ସେହି ବ୍ୟକ୍ତିର ପ୍ରକୃତ ବୟସ ରୂପେ ବିବେଚିତ ହେବ ।

**୫୦. କ୍ଷେତ୍ରାଧିକାର ଅଞ୍ଚଳ ବାହାରକୁ କିଶୋର ବା ବାଳୁତକୁ ପଠାଯିବା-**

ଯେଉଁସ୍ଥଳେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ହାଜର କରାଯାଇଥିବା ଜଣେ କିଶୋର ବା ବାଳୁତଙ୍କର ସ୍ୱାଭବିକ ବାସସ୍ଥାନ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ଅଞ୍ଚଳ ବାହାରେ ଅବସ୍ଥିତ ହୋଇଥାଏ, ତେବେ ଉକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏକ ବିଧିବଦ୍ଧ ଅନୁସନ୍ଧାନ କଲାପରେ ନିଜେ ସମୀଚୀନ କରିବା ମତେ ଉକ୍ତ କିଶୋର ବା ବାଳୁତଙ୍କୁ ତାଙ୍କର ସେଭଳି ଜଣେ ସମ୍ପର୍କୀୟ ବା ଅନ୍ୟ ଜଣେ ବ୍ୟକ୍ତିଙ୍କ ନିକଟକୁ ଫେରସ୍ତ ପଠାଇ ପାରନ୍ତି, ଯେ କି ଉକ୍ତ କିଶୋର ବା ବାଳୁତଙ୍କୁ ତାଙ୍କର ସ୍ୱାଭାବିକ ବାସସ୍ଥାନରେ ପୁନର୍ବାର ଗ୍ରହଣ କରିନେବାକୁ ତଥା ତାଙ୍କୁ ଉପଯୁକ୍ତ ଯତ୍ନ ଓ ହେପାଜତ୍ ଅଧୀନରେ ରଖିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିବେ, ଏପରି କି ସେହି ବାସସ୍ଥାନ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ଅଞ୍ଚଳ ବାହାରେ ଅବସ୍ଥିତ ହୋଇଥିଲେ ମଧ୍ୟ; ଯେଉଁ ସ୍ଥାନକୁ ଉକ୍ତ କିଶୋର ବା ବାଳୁତଙ୍କୁ ପଠାଇ ଦିଆଯାଇଥିବ, ତାହା ଉପରେ କ୍ଷେତ୍ରାଧିକାର ବହନ କରୁଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସଂପୃକ୍ତ କିଶୋର ବା ବାଳୁତଙ୍କ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଘଟିବାକୁ ଥିବା ପ୍ରତି ବ୍ୟାପାରରେ ସେହି ସମାନ ଧରଣର କ୍ଷମତାମାନ ପ୍ରୟୋଗ କରିପାରିବେ, ଯାହା କି ମୂଳ ଆଦେଶନାମା ତାଙ୍କ ଦ୍ୱାରା ଜାରି କରାଯାଇଥିବା ସ୍ଥିତିରେ ସେ କରିଥାନ୍ତେ ।

**୫୧. ରିପୋର୍ଟଗୁଡିକ ଗୋପନୀୟ ବିବେଚିତ ହେବ-**

ପରିବୀକ୍ଷା ଅଧିକାରୀ ବା ସମାଜକର୍ମୀଙ୍କ ରିପୋର୍ଟ, ଯାହା କି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଥିବ, ତାହା ଗୋପନୀୟ ବିବେଚିତ ହେବ :

**ପରନ୍ତୁ,** କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯଦି ଉପଯୁକ୍ତ ବୋଲି ମନେକରନ୍ତି, ତେବେ ସେ ସେପରି ରିପୋର୍ଟର ସାରମର୍ମ ଉକ୍ତ କିଶୋର ବା ବାଳୁତ ଅଥବା ତାହାର ପିତାମାତା ବା ଅଭିଭାବକଙ୍କୁ ଅବଗତ କରାଇପାରନ୍ତି ଏବଂ ରିପୋର୍ଟରେ ସୂଚୀତ ହୋଇଥିବା ବିଷୟବସ୍ତୁ ସହିତ ପ୍ରାସଙ୍ଗିକ ହେଉଥିବା କୌଣସି ପ୍ରମାଣ ଉପସ୍ଥାପିତ କରିବା ପାଇଁ ଉକ୍ତ କିଶୋର ବା ବାଳୁତ ଅଥବା ତାହାର ପିତାମାତା ବା ଅଭିଭାବକଙ୍କୁ ସୁଯୋଗ ଦେଇପାରନ୍ତି ।

**୫୨. ଅପିଲ୍ -**

(୧) ଏହି ଧାରାର ବ୍ୟବସ୍ଥାଗୁଡିକର ଅଧୀନରେ ରହି, ଏହି ଆଇନ୍ ଅନୁଯାୟୀ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ଏକ ଆଦେଶନାମା ଯୋଗୁଁ ଯଦି କୌଣସି ବ୍ୟକ୍ତି ବ୍ୟଥିତ ହୋଇଥିବେ, ତେବେ

ସେ ସେପରି ଆଦେଶନାମାର ତାରିଖ ଠାରୁ ତିରିଶ ଦିନ ମଧ୍ୟରେ ଦୌରା (ସେସନ୍ସ) ଅଦାଲତକୁ ଅପିଲ୍ କରିପାରିବେ :

**ପରନ୍ତୁ,** ଯଦି ଦୌରା ଅଦାଲତ ହୃଦ୍‌ବୋଧ କରନ୍ତି ଯେ, ଅପିଲ୍‌କର୍ତ୍ତା ଅପିଲ୍‌ଟିକୁ ଠିକ୍ ସମୟରେ ଦାଖଲ କରି ନପାରିବା ପଛରେ ଯଥେଷ୍ଟ କାରଣ ଥିଲା, ତେବେ ସେ ଉପରୋକ୍ତ ତିରିଶଦିନର ସମୟସୀମା ଅତିକ୍ରାନ୍ତ ହେବା ପରେ ମଧ୍ୟ ଅପିଲ୍‌ଟିକୁ ଗ୍ରହଣ କରିପାରନ୍ତି ।

(୨) ନିମ୍ନୋକ୍ତ କ୍ଷେତ୍ରରେ କୌଣସି ଅପିଲ୍ ଦାଖଲ କରାଯାଇ ପାରିବନାହିଁ -

(ଏ) ଏକ ଅପରାଧ ଘଟାଇଥିବା କାରଣରୁ ଅଭିଯୁକ୍ତ ହୋଇଥିବା ଜଣେ କିଶୋରଙ୍କ କ୍ଷେତ୍ରରେ ପରିଷଦ ଦେଇଥିବା ଏକ ଦୋଷମୁକ୍ତି ଆଦେଶ; କିମ୍ବା

(ବି) ଜଣେ ବ୍ୟକ୍ତି ଏକ ଅବହେଳିତ କିଶୋର ନୁହନ୍ତି ବୋଲି କମିଟି ନିଜର ସିଦ୍ଧାନ୍ତ ପରିପ୍ରେକ୍ଷୀରେ ଜାରି କରିଥିବା କୌଣସି ଏକ ଆଦେଶ ।

(୩) ଏହି ଧାରା ଅଧୀନରେ ପେଶ୍ ହୋଇଥିବା ଏକ ଅପିଲ୍ ଉପରେ ଦୌରା ଅଦାଲତଙ୍କ ଦ୍ୱାରା ଯେଉଁ ଆଦେଶ ଜାରି ହୋଇଥିବ, ତାହା ବିରୁଦ୍ଧରେ କୌଣସି ଦ୍ୱିତୀୟ ଅପିଲ୍ ଦାଖଲ କରାଯାଇପାରିବ ନାହିଁ ।

**୫୩. ପୁନର୍ବିଚାର-**

ହାଇକୋର୍ଟ ଯେ କୌଣସି ସମୟରେ ନିଜେ ସ୍ୱୟଂଚାଳିତ ହୋଇ ଅଥବା ସଂପୃକ୍ତ ଉଦ୍ଦେଶ୍ୟରେ ତାଙ୍କୁ ହସ୍ତଗତ ହୋଇଥିବା ଏକ ଆବେଦନକୁ ଭିତ୍ତିକରି ଏକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବା ଏକ ଦୌରା ଅଦାଲତଙ୍କ ଦ୍ୱାରା ଜାରି ହୋଇଥିବା ଯେ କୌଣସି ଆଦେଶର ବୈଧତା ବା ଯଥାର୍ଥତା ସମ୍ପର୍କରେ ନିଜେ ହୃଦ୍‌ବୋଧ କରିବା ଉଦ୍ଦେଶ୍ୟରେ ତହିଁର କାର୍ଯ୍ୟବିଧି ସଂପର୍କୀତ ରେକର୍ଡକୁ ମଗାଇ ପାରନ୍ତି ଏବଂ ସେ ସଂକ୍ରାନ୍ତରେ ନିଜେ ଉଚିତ୍ ମନେ କରୁଥିବା ମତେ ଏକ ଆଦେଶ ଜାରି କରିପାରନ୍ତି ।

**ପରନ୍ତୁ,** ହାଇକୋର୍ଟ ସଂପୃକ୍ତ ବ୍ୟକ୍ତିଙ୍କୁ ଶୁଣାଣିର ଉପଯୁକ୍ତ ସୁଯୋଗ ନ ଦେଇ ଏହି ଧାରା ଅଧୀନରେ ଏପରି କୌଣସି ଆଦେଶ ଜାରି କରିବେ ନାହିଁ, ଯାହାକି ଉକ୍ତ ବ୍ୟକ୍ତିଙ୍କ ପ୍ରତି ହାନିକାରକ ହେଉଥିବ ।

**୫୪. ଅନୁସନ୍ଧାନ, ଅପିଲ୍ ଏବଂ ପୁନର୍ବିଚାର କାର୍ଯ୍ୟବିଧିଗୁଡିକରେ ଅନୁସରଣୀୟ ପଦ୍ଧତି-**

(୧) ଏହି ଆଇନ୍‌ରେ କୌଣସି ଭିନ୍ନାର୍ଥ ବ୍ୟବସ୍ଥା ସିଧାସଳଖ ସ୍ଥାନିତ ହୋଇଥିଲେ, ତାକୁ କେବଳ ବ୍ୟାବୃତ୍ତ ରଖି, ଏକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏହି ଆଇନ୍‌ର କୌଣସି ବ୍ୟବସ୍ଥା ଅଧୀନରେ ଏକ ଅନୁସନ୍ଧାନ ପରିଚାଳନା କରୁଥିବା ବେଳେ ସେହି ପଦ୍ଧତି ଅନୁସରଣ କରିବେ, ଯାହାକି ବିହିତ ହୋଇପାରେ, ଏବଂ ଉକ୍ତ ବିହିତ ବ୍ୟବସ୍ଥାର ଅଧୀନରେ ରହି ଯଥାସମ୍ଭବ ସେହି ପଦ୍ଧତି ଅନୁସରଣ କରିବେ, ଯାହାକି ସମନସ୍ କେଶ୍ ଗୁଡିକର ବିଚାର ପାଇଁ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ରେ ଅବତରଣା କରାଯାଇଛି ।

(୨) ଏହି ଆଇନ୍ ବଳରେ ବା ଏହି ଆଇନ୍ ଅଧୀନରେ କୌଣସି ଭିନ୍ନାର୍ଥ ବ୍ୟବସ୍ଥା ସିଧାସଳଖ ସ୍ଥାନିତ ହୋଇଥିଲେ, ତାକୁ କେବଳ ବ୍ୟାବୃତ୍ତ ରଖି, ଏହି ଆଇନ୍ ଅଧୀନରେ ଅପିଲ୍ ବା ପୁନର୍ବିଚାର (ରିଭିଜନ୍)ର ଶୁଣାଣି ସମୟରେ ଯେଉଁ କାର୍ଯ୍ୟବିଧି ଅନୁସୃତ ହେବ, ତାହା ବାସ୍ତବ ଦୃଷ୍ଟିରୁ ଯେତେ

ଦୂର ସମ୍ଭବ, ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ବ୍ୟବସ୍ଥାଗୁଡିକ ସହିତ ସଂଗତିଶୀଳ ହେଉଥିବ ।

**୫୫. ଏକ ଆଦେଶକୁ ସଂଶୋଧନ କରିବାର କ୍ଷମତା-**

(୧) ଏହି ଆଇନ୍ ଅଧୀନ୍‌ରେ ଅପିଲ୍ ବା ପୁନର୍ବିଚାର ସମ୍ପର୍କରେ ସ୍ଥାନିତ ଥିବା ବ୍ୟବସ୍ଥାଗୁଡିକର ବିରୁଦ୍ଧାଚରଣ ନ କରି, ଏହି ଆଇନ୍ ଅନୁଯାୟୀ ଜଣେ କିଶୋର ବା ବାଳୁତକୁ ଯେଉଁ ଅନୁଷ୍ଠାନକୁ ପଠାଯିବା କଥା ବା ଯେଉଁ ବ୍ୟକ୍ତିଙ୍କ ଯତ୍ନ ବା ତତ୍ତ୍ୱାବଧାନରେ ଜଣେ କିଶୋର ବା ବାଳୁତକୁ ସ୍ଥାନିତ କରାଯିବା କଥା, ସେ ବିଷୟରେ ଜାରି କରାଯାଇଥିବା ଏକ ଆଦେଶକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ କୌଣସି ବ୍ୟକ୍ତିଙ୍କ ଠାରୁ ଏହି ଉଦ୍ଦେଶ୍ୟରେ ଆଗତ ହୋଇଥିବା ଏକ ଆବେଦନକୁ ଭିତ୍ତିକରି ସଂଶୋଧନ କରିପାରିବେ ।

**ପରନ୍ତୁ,** ଏପରି ଏକ ଆଦେଶର ସଂଶୋଧନ ପାଇଁ ଯେଉଁ ଶୁଣାଣି ଚାଲୁଥିବ, ସେହି ଶୁଣାଣି ସମୟରେ ଅନ୍ୟୁନ ଦୁଇଜଣ ସଦସ୍ୟ ଏବଂ ପକ୍ଷବୃନ୍ଦ ବା ପ୍ରତିବାଦୀ ପକ୍ଷ ଉପସ୍ଥିତ ରହିଥିବେ ।

(୨) ଏକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ଆଦେଶରେ କୌଣସି ପ୍ରକାର ଲିଖନଗତ ଭୁଲ୍ ଥିଲେ ଅଥବା ଆକସ୍ମିକ ଭାବେ ବାଦ୍ ପଡିଥିବା ବା ଛାଡିଦିଆଯାଇଥିବା କାରଣରୁ ଉକ୍ତ ଆଦେଶରେ କୌଣସି ତ୍ରୁଟି ଘଟିତ ହୋଇଥିଲେ, ତାହାକୁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସ୍ୱୟଂଚାଳିତ ହୋଇ ଅଥବା ଏଥିପାଇଁ ଆଗତ କୋଣସି ଏକ ଆବେଦନକୁ ଭିତ୍ତିକରି ଯେ କୌଣସି ସମୟରେ ସଂଶୋଧନ କରି ପାରିନ୍ତି ।

**୫୬. ଜଣେ କିଶୋର ବା ବାଳୁତକୁ ଖଲାସ ଏବଂ ସ୍ଥାନାନ୍ତର କରିବା ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ କ୍ଷମତା-**

ଏହି ଆଇନ୍‌ରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯେ କୌଣସି ସମୟରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଏକ ବାଳୁତକୁ ବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଏକ କିଶୋରକୁ ଗୋଟିଏ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହରୁ ଖଲାସ କରି ଅନ୍ୟ ଏକ ଶିଶୁଗୃହ ବା ଯଥାସ୍ଥିତ ସ୍ୱତନ୍ତ୍ର ଗୃହକୁ ସ୍ଥାନାନ୍ତର କରାଯିବାକୁ ଆଦେଶ ଦେଇପାରନ୍ତି ଏବଂ ଏହି ଆଦେଶ ଦେଲାବେଳେ ସେ ସଂପୃକ୍ତ ବାଳୁତ ବା କିଶୋରର ସର୍ବୋତ୍ତମ ସ୍ୱାର୍ଥ ଏବଂ ତା'ର ସ୍ୱାଭାବିକ ଆଶ୍ରୟସ୍ଥଳକୁ ବିଚାରକୁ ନେଇ ଏକ ସ୍ୱୟଂସମ୍ପୂର୍ଣ୍ଣ ଆଦେଶ ଜାରି କରିପାରନ୍ତି ବା ନିଜେ ଉଚିତ୍ ମନେ କରିବା ମତେ ସର୍ତ୍ତାବଳୀ ଆରୋପ କରିପାରନ୍ତି ।

**ପରନ୍ତୁ,** ଏପରି ସ୍ଥାନାନ୍ତରଣ କାରଣରୁ ଏକ ଶିଶୁଗୃହ ବା ଏକ ସ୍ୱତନ୍ତ୍ର ଗୃହ ବା ଏକ ସମର୍ଥ ଅନୁଷ୍ଠାନ ବା ଏକ ସମର୍ଥ ବ୍ୟକ୍ତିଙ୍କ ଅଧୀନରେ ଏକ କିଶୋର ବା ବାଳୁତର ମୋଟ୍ ରହଣି ସମୟକୁ ବୃଦ୍ଧି କରାଯିବ ନାହିଁ ।

**୫୭. ଭାରତର ବିଭିନ୍ନ ଇଲାକାରେ ଥିବା ଏହି ଆଇନ୍ ଅଧୀନସ୍ଥ ଶିଶୁଗୃହମାନଙ୍କ ମଧ୍ୟରେ ଏବଂ ସମାନ ଧରଣର କିଶୋର ଗୃହମାନଙ୍କ ମଧ୍ୟରେ ଅଦଳବଦଳ-**

ସଂପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଏବଂ କମିଟି ବା ଯଥାସ୍ଥିତି ପରିଷଦଙ୍କୁ ଅଗ୍ରୀମ ସୂଚନା ଦେଇ ରାଜ୍ୟ ସରକାର ରାଜ୍ୟ ଭିତରେ ଥିବା ଏକ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହରୁ ରାଜ୍ୟ ବାହାରେ ଥିବା କୌଣସି ଶିଶୁଗୃହ, ସ୍ୱତନ୍ତ୍ର ଗୃହ ବା ତାଦୃଶ ଅନୁଷ୍ଠାନ ବା ଏତାଦୃଶ ଅନୁଷ୍ଠାନସବୁକୁ ଜଣେ କିଶୋର ବା ବାଳୁତକୁ ସ୍ଥାନାନ୍ତରଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ଏବଂ ଯେଉଁ ଇଲାକାକୁ ଏପରି ଜଣେ କିଶୋର ବା ବାଳୁତକୁ ପଠାଯାଇଛି, ତାହା ଉପରେ କ୍ଷେତ୍ରାଧିକାର ଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପ୍ରତି ଉକ୍ତ ଆଦେଶ ପ୍ରଯୁଜ୍ୟ ବୋଲି ବିବେଚିତ ହେବ ।

**୫୮. ବିକୃତ-ମସ୍ତିଷ୍କ ବା କୁଷ୍ଠ-ଆକ୍ରାନ୍ତ ବା ନିଶାସକ୍ତ କିଶୋର ବା ଶିଶୁକୁ ସ୍ଥାନାନ୍ତରଣ-**

ଯେଉଁସ୍ଥଳେ ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କୁ ଏହା ପ୍ରତୀତ ହୁଏ ଯେ, ଏହି ଆଇନ୍‌ର ଅନୁପାଳନାର୍ଥେ ଗୋଟିଏ ସ୍ୱତନ୍ତ୍ର ଗୃହ ବା ଶିଶୁଗୃହ ବା ଆଶ୍ରୟଗୃହ ବା କୌଣସି ଏକ ଅନୁଷ୍ଠାନରେ ଏପରି ଜଣେ କିଶୋର ବା ବାଳୁତକୁ ସ୍ଥାନିତ କରାଯାଇଛି, ଯେ କି କୁଷ୍ଠରେ ଆକ୍ରାନ୍ତ, ବା ବିକୃତ-ମସ୍ତିଷ୍କ ବା କୌଣସି ନିଶା-ବର୍ଦ୍ଧକ ଔଷଧ ବା ଉନ୍ମାଦକ ସାମଗ୍ରୀ ପ୍ରତି ଅଭ୍ୟସ୍ତ ହୋଇପଡ଼ିଛି, ତେବେ ସେପରି ସ୍ଥଳେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ତାକୁ ଉକ୍ତ ସ୍ଥାନରୁ ବଦଳି କରି ଏକ କୁଷ୍ଠାଶ୍ରମ ବା ମାନସିକ ଡାକ୍ତରଖାନା ଅଥବା ନିଶାରୋଗୀଙ୍କ ଚିକିତ୍ସା କେନ୍ଦ୍ର ବା ଏକ ନିରାପଦ ସ୍ଥାନରେ ସେହି ସମୟ-ଅବଧି ପାଇଁ ରହଣି ସକାଶେ ଆଦେଶ ଦେଇପାରନ୍ତି, ଯାହାକି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଆଦେଶ ଅଧୀନରେ ସୂଚୀତ ହୋଇଥିବା ଆବଶ୍ୟକ ସମୟ-ସୀମାଠାରୁ ଅଧିକ ହେବନି ଅଥବା ଏପରି ଏକ ଅତିରିକ୍ତ ସମୟ-ଅବଧି ପାଇଁ ଆଦେଶ ଦେଇପାରନ୍ତି, ଯାହାକି ସଂପୃକ୍ତ କିଶୋର ବା ବାଳୁତର ଉପଯୁକ୍ତ ଚିକିତ୍ସା ନିମନ୍ତେ ଆବଶ୍ୟକ ବୋଲି ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବ ।

**୫୯. ଅର୍ପଣ-ଯୋଗ୍ୟ କିଶୋର ବା ବାଳୁତକୁ ଖଲାସ କରିବା ଏବଂ ତା'ର ଅନୁପସ୍ଥିତି-**

(୧) ଯେଉଁସ୍ଥଳେ ଏକ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହରେ ଜଣେ କିଶୋର ବା ବାଳୁତ ଆଶ୍ରିତ ଥାଏ, ସେତେବେଳେ ସଂପୃକ୍ତ ପରିବୀକ୍ଷା ଅଧିକାରୀ ବା ସମାଜକର୍ମୀ ବା ସରକାର ବା ଯଥାସ୍ଥିତି ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଠାରୁ ପ୍ରାପ୍ତ ଏକ ରିପୋର୍ଟକୁ ଭିତ୍ତି କରି କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଉକ୍ତ କିଶୋର ବା ବାଳୁତକୁ ସେଠାରୁ ଖଲାସ କରି ତା'ର ପିତାମାତା ବା ଅଭିଭାବକଙ୍କ ସହିତ ବାସ କରିବା ପାଇଁ ଅନୁମତି ବିଷୟରେ ବିଚାର କରିପାରନ୍ତି, ଅଥବା ସେହି କର୍ତ୍ତୃତ୍ୱ-ପ୍ରାପ୍ତ ବ୍ୟକ୍ତିଙ୍କ ତତ୍ତ୍ୱାବଧାନ ଅଧୀନରେ ତାକୁ ବାସ କରିବା ପାଇଁ ଅନୁମତି ବିଷୟରେ ବିଚାର କରିପାରନ୍ତି, ଯାହାଙ୍କର ନାମ ଆଦେଶରେ ସୂଚୀତ ହୋଇଥିବ ଏବଂ ଯେ କି ଉକ୍ତ କିଶୋର ବା ବାଳୁତକୁ ଆପଣେଇବା ପାଇଁ, ତଥା ସେହି କିଶୋର ବା ବାଳୁତ ଯେପରି ଏକ ଉପଯୁକ୍ତ ବୃତ୍ତି ବା ଜୀବିକା ଗ୍ରହଣ କରିପାରେ, ସେ ଦିଗରେ ତାକୁ ଶିକ୍ଷା ଓ ତାଲିମ୍ ଦେବାର ଦାୟିତ୍ୱ ବହନ କରିବା ପାଇଁ ବା ତା'ର ଥଇଥାନ ପାଇଁ ଆବଶ୍ୟକ ଯତ୍ନ ନେବାକୁ ଆଗ୍ରହୀ ଥିବେ ।

(୨) କେତେକ ସ୍ୱତନ୍ତ୍ର ଉପଲକ୍ଷ, ଯଥା ପରୀକ୍ଷା, ସଂପର୍କୀୟଙ୍କ ବିବାହ, ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ବା ପିତାମାତାଙ୍କର ଗୁରୁତର ଅସୁସ୍ଥତା ବା ଦୁର୍ଘଟଣା ଅଥବା ଏତାଦୃଶ କୋଣସି ଜରୁରୀକାଳୀନ ଘଟଣା ପରିପ୍ରେକ୍ଷୀରେ ଜଣେ କିଶୋର ବା ବାଳୁତକୁ ତତ୍ତ୍ୱାବଧାନ ଅଧୀନରେ ରହି ଛୁଟି ଜନିତ ଅନୁପସ୍ଥିତି ସକାଶେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ସେହି ସମୟ-ଅବଧି ପାଇଁ ଅନୁମତି ଦେଇପାରନ୍ତି, ଯାହାକି ଯାତାୟତ ବାବଦ ସମୟକୁ ବାଦ୍ ଦେଇ ସାଧାରଣତଃ ସାତଦିନରୁ ଅଧିକ ହେବ ନାହିଁ ।

(୩) ଯେଉଁସ୍ଥଳେ ଏପରି ଏକ ଅନୁମତିକୁ ପ୍ରତ୍ୟାହାର ବା ରଦ୍ଦ କରାଯାଇଥାଏ ଅଥବା ଉକ୍ତ କିଶୋର ବା ବାଳୁତ ନିର୍ଦ୍ଦେଶିତ ହୋଇଥିବା ମତେ ସଂପୃକ୍ତ ଗୃହକୁ ଫେରି ଆସିବା ପାଇଁ ନାରାଜ ବା ବିଫଳ ହୁଏ, ସେପରି ସ୍ଥଳେ ପରିଷଦ ଉକ୍ତ କିଶୋର ବା ବାଳୁତକୁ ଯେପରି ନିୟନ୍ତ୍ରଣାଧୀନ କରି ସମ୍ପୃକ୍ତ ଗୃହକୁ ଫେରସ୍ତ ଅଣାଯାଇପାରିବ, ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିପାରନ୍ତି ।

(୪) ଏହି ଧାରା ଅନୁଯାୟୀ ମଞ୍ଜୁରି ପ୍ରାପ୍ତ ଅନୁମତି ବଳରେ ଜଣେ କିଶୋର ବା ବାଳୁତ ଯେତିକି ସମୟ ପାଇଁ ସଂପୃକ୍ତ ଗୃହରୁ ଅନୁପସ୍ଥିତ ଥିବେ, ତାହାକୁ ସମ୍ପୃକ୍ତ ସ୍ୱତନ୍ତ୍ର ଗୃହରେ ଉକ୍ତ କିଶୋର ବା ବାଳୁତର ରହଣି ପାଇଁ ଧାର୍ଯ୍ୟ ହୋଇଥିବା ମୋଟ୍ ସମୟ-ଅବଧିର ଏକାଂଶ ରୂପେ ବିବେଚନା କରାଯିବ ।

**ପରନ୍ତୁ,** ଯେଉଁସ୍ଥଳେ ଉକ୍ତ ଅନୁମତି ପ୍ରତ୍ୟାହୃତ ବା ରଦ୍ଦ ହେବା ପରେ ମଧ୍ୟ ସଂପୃକ୍ତ କିଶୋର ବା ବାଳୁତ ସ୍ୱତନ୍ତ୍ର ଗୃହକୁ ଫେରିବାରେ ସମର୍ଥ ହୋଇ ନଥାଏ, ସେପରି ସ୍ଥଳେ ସେ ଫେରିବାର ସମୟ-ସୀମା ଅତିକ୍ରାନ୍ତ ହେବା ପରେ ଯେଉଁ ସମୟ-ଅବଧି ଅତିବାହିତ ହେବ, ତାହାକୁ ଉକ୍ତ କିଶୋର ବା ବାଳୁତ ସଂପୃକ୍ତ ଅନୁଷ୍ଠାନରେ ରହଣି ପାଇଁ ଧାର୍ଯ୍ୟ ହୋଇଥିବା ମୋଟ୍ ସମୟ-ଅବଧିର ଗଣନାରୁ ବାଦ୍ ଦିଆଯିବ ।

**୬୦. ପିତାମାତାଙ୍କ ଅବଦାନ-**

(୧) ଜଣେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଯେ କି ଏକ କିଶୋର ବା ବାଳୁତକୁ ଏକ ଶିଶୁଗୃହ ବା ସ୍ୱତନ୍ତ୍ର ଗୃହକୁ ପଠାଇବାକୁ ଅଥବା ଏକ ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ହେପାଜତ୍ ଅଧୀନରେ ଛାଡିବା ପାଇଁ ଆଦେଶ ଦେଇଥାନ୍ତି, ସେ ମଧ୍ୟ ଏପରି ଏକ ଆଦେଶ ଦେଇ ପାରିବେ, ଯାହା ବଳରେ ଉକ୍ତ କିଶୋର ବା ବାଳୁତର ଭରଣପୋଷଣ ପାଇଁ ଦାୟୀ ଥିବା ପିତାମାତା ବା ଅନ୍ୟ କୌଣସି ବ୍ୟକ୍ତି, ଯଦି ସେ ସମର୍ଥ ଥାନ୍ତି, ତେବେ ନିଜର ରୋଜଗାର ଅନୁଯାୟୀ ବିହିତ ପଦ୍ଧତିରେ ଉକ୍ତ କିଶୋର ବା ବାଳୁତର ଭରଣପୋଷଣ ପାଇଁ ସହାୟତା ପ୍ରଦାନ କରିବେ ।

(୨) ଆବଶ୍ୟକ ପଡିଲେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶ ଦେଇପାରନ୍ତି ଯେ, ଜଣେ କିଶୋରକୁ ସଂପୃକ୍ତ ଗୃହକୁ ପଠାଇବା ବେଳେ ଉକ୍ତ ଗୃହରୁ ତା'ର ସାଧାରଣ ବାସସ୍ଥାନକୁ ଉକ୍ତ ଅନ୍ତେବାସୀ କିମ୍ବା ପିତାମାତା ବା ଅଭିଭାବକ କିମ୍ବା ଉଭୟଙ୍କ ଗସ୍ତ ପାଇଁ ଯାହା କିଛି ଖର୍ଚ୍ଚ ଆବଶ୍ୟକ, ତାହାକୁ ସଂପୃକ୍ତ ନିର୍ଦ୍ଧନ ପିତାମାତା ବା ଅଭିଭାବକଙ୍କୁ ଗୃହର ତତ୍ତ୍ୱାବଧାରକ ବା ପ୍ରକଳ୍ପ ପରିଚାଳକଙ୍କ ଦ୍ୱାରା ବିହିତ ପଦ୍ଧତିରେ ପଇଠ କରାଯିବ ।

**୬୧. ପାଣ୍ଠି -**

(୧) ରାଜ୍ୟ ସରକାର ଏହି ଆଇନ୍ ଅଧୀନରେ ଚର୍ଚ୍ଚିତ ହୋଇଥିବା କିଶୋର ବା ବାଳୁତମାନଙ୍କର କଲ୍ୟାଣ ବିଧାନ ଏବଂ ଥଇଥାନ ଉଦ୍ଦେଶ୍ୟରେ ସେପରି ଏକ ନାମକରଣ ସହିତ ଏକ ପାଣ୍ଠି ପ୍ରତିଷ୍ଠା କରିପାରନ୍ତି, ଯାହାକି ସେ ଉଚିତ ମନେ କରିବେ ।

(୨) ଯେ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଦ୍ୱାରା ଯେଉଁ ସ୍ୱତଃପ୍ରବୃତ୍ତ ଦାନ, ଚାନ୍ଦା ବା ଦେୟ ପଇଠ କରାଯିବ, ତାହା ଏହି ପାଣ୍ଠିରେ ଜମା ରହିବ ।

(୩) ଉପଧାରା (୧) ଅନୁଯାୟୀ ସ୍ଥାପିତ ହୋଇଥିବା ପାଣ୍ଠି ରାଜ୍ୟ ଉପଦେଷ୍ଟା ପରିଷଦ ଦ୍ୱାରା ସେହି ପଦ୍ଧତିରେ ଏବଂ ସେହି ଉଦ୍ଦେଶ୍ୟ ପାଇଁ ପରିଚାଳିତ ହେବ, ଯାହା କି ବିହିତ କରାଯାଇ ପାରେ ।

**୬୨. କେନ୍ଦ୍ରୀୟ, ରାଜ୍ୟ, ଜିଲ୍ଲା ଏବଂ ନଗର ଉପଦେଷ୍ଟା ପରିଷଦସମୂହ-**

(୧) ଗୃହମାନଙ୍କର ପ୍ରତିଷ୍ଠା ଓ ପରିଚାଳନା, ସମ୍ବଳ ସଂଗ୍ରହ, ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ ଏବଂ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ଶିକ୍ଷା, ତାଲିମ୍ ଏବଂ ଥଇଥାନ ପାଇଁ ସୁବିଧାସୁଯୋଗର ବ୍ୟବସ୍ଥା ଏବଂ ସଂପୃକ୍ତ ଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସମ୍ପର୍କୀତ ବିଷୟଗୁଡିକ ଉପରେ ସରକାରଙ୍କୁ ପରାମର୍ଶ ଦେବା ପାଇଁ କେନ୍ଦ୍ର ସରକାର ବା ଗୋଟିଏ ରାଜ୍ୟ ସରକାର ଯଥାସ୍ଥିତି ଏକ କେନ୍ଦ୍ରୀୟ ବା ରାଜ୍ୟ ଉପଦେଷ୍ଟା ପରିଷଦ ଗଠନ କରିପାରନ୍ତି ।

(୨) କେନ୍ଦ୍ରୀୟ ବା ରାଜ୍ୟ ଉପଦେଷ୍ଟା ପରିଷଦ ସେହିସବୁ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ, ଯାହାକି ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାର ଉଚିତ ମନେ କରିବେ ଏବଂ ସେଥିରେ ଯେଉଁମାନେ ଅନ୍ତର୍ଭୁକ୍ତ ରହିବେ, ସେମାନେ ହେଲେ ବିଶିଷ୍ଟ ସମାଜକର୍ମୀବୃନ୍ଦ, ଶିଶୁକଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିଗଣ, ବ୍ୟବସାୟିକ ଗୋଷ୍ଠୀ, ଶିକ୍ଷାବିତ୍‌ବୃନ୍ଦ, ଚିକିତ୍ସା ବିଶେଷଜ୍ଞଗଣ ଏବଂ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ।

(୩) ଧାରା ୩୫ ଅନୁଯାୟୀ ଗଠିତ ଜିଲ୍ଲା ବା ନଗର ସ୍ତରୀୟ ନିରୀକ୍ଷକ କମିଟିଗୁଡିକ ଜିଲ୍ଲା ବା ନଗର ଉପଦେଷ୍ଟା ପରିଷଦ ରୂପେ କାର୍ଯ୍ୟ କରିବେ ।

**୬୨-ଏ.ଆଇନ୍‌ର କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ ବାଳୁତ ସୁରକ୍ଷା ୟୁନିଟ୍‌ର ଗଠନ-**

ପ୍ରତି ରାଜ୍ୟ ସରକାର ରାଜ୍ୟ ପାଇଁ ଏକ ବାଳୁତ ସୁରକ୍ଷା ୟୁନିଟ୍ ଗଠନ କରିବେ ଏବଂ ପ୍ରତି ଜିଲ୍ଲା ସ୍ତରରେ ଏହି ୟୁନିଟ୍‌ଗୁଡିକ ସେହି ସବୁ ଅଫିସର୍ ଓ କର୍ମଚାରୀଙ୍କୁ ନେଇ ଗଠିତ ହେବ, ଯାହାକୁ ଉକ୍ତ ସରକାର ନିଯୁକ୍ତ କରିପାରନ୍ତି ଏବଂ ଏହି ଆଇନ୍‌ର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ ଏବଂ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ଉଦ୍ଦେଶ୍ୟରେ ଗୃହଗୁଡିକର ସ୍ଥାପନା ଓ ପରିଚାଳନା ଓ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କ ସମ୍ବନ୍ଧରେ ବିଜ୍ଞପ୍ତି, ସେମାନଙ୍କର  ଥଇଥାନ ଏବଂ ସଂପୃକ୍ତ ଥିବା ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ସମେତ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ ଏବଂ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସଂପର୍କୀତ ବିଷୟଗୁଡିକୁ ଉକ୍ତ ୟୁନିଟ୍‌ସମୂହ ଦେଖାଶୁଣା କରିବେ ।

**୬୩. ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍-**

(୧) ଯେଉଁ ପୋଲିସ୍ ଅଫିସର୍‌ମାନେ ବହୁ ସମୟରେ ବା କେବଳ କିଶୋରମାନଙ୍କ ବିଷୟରେ କାର୍ଯ୍ୟରତ ଥାଆନ୍ତି, ଅଥବା ମୁଖତଃ କିଶୋର ଅପରାଧ ନିବାରଣ ପାଇଁ ନିୟୋଜିତ ଥା'ନ୍ତି ଅଥବା ଯେଉଁମାନଙ୍କ ଉପରେ କିଶୋର ବା ବାଳୁତମାନଙ୍କୁ ସମ୍ଭାଳିବାର ଦାୟିତ୍ୱ ନ୍ୟସ୍ତ ଥାଏ, ସେପରି ପୋଲିସ୍ ଅଫିସର୍‌ମାନେ ଯେପରି ଅଧିକ ଫଳପ୍ରଦ ଭାବେ ଏହି ଆଇନ୍ ଅନୁଯାୟୀ ସେମାନଙ୍କର କାର୍ଯ୍ୟାବଳୀ ସମ୍ପାଦନ କରିବାରେ ସାମର୍ଥ୍ୟ ହାସଲ କରିପାରିବେ, ସେହି ଉଦ୍ଦେଶ୍ୟରେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ ଓ ପ୍ରଶିକ୍ଷଣ କରାଯିବ ।

(୨) ପ୍ରତ୍ୟେକ ଥାନାରେ ଅନ୍ତତଃ ଜଣେ ପୋଲିସ୍ ଅଫିସର୍, ଯାହାଙ୍କର ରୁଚି ତଥା ଉପଯୁକ୍ତ ତାଲିମ୍ ଓ ଦୃଷ୍ଟିଭଙ୍ଗୀ ଥିବ, ତାଙ୍କୁ 'କିଶୋର ବା ବାଳୁତ କଲ୍ୟାଣ ଅଧିକାରୀ' ରୂପେ ପଦନାମିତ କରାଯିବ ଏବଂ ସେ ପୋଲିସ୍ ସହ ସମନ୍ୱୟ ରକ୍ଷା କରି କିଶୋର ବା ବାଳୁତମାନଙ୍କ ବିଷୟ ସମ୍ଭାଳିବେ ।

(୩) କିଶୋର ବା ବାଳୁତମାନଙ୍କ ବିଷୟ ସମ୍ଭାଳିବା ପାଇଁ ଉପରୋକ୍ତ ମତେ ପଦନାମିତ ହୋଇଥିବା ପୋଲିସ୍ ଅଫିସରମାନେ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍‌ର ସଦସ୍ୟ ରହିବେ ଏବଂ କିଶୋର ଓ ବାଳୁତମାନଙ୍କ ପ୍ରତି ପୋଲିସ୍‌ର ଭୂମିକାରେ ସମନ୍ୱୟ ଓ ଉନ୍ନତୀକରଣ ଆଣିବା ପାଇଁ ଏ ପ୍ରକାର ୟୁନିଟ୍ ପ୍ରତି ଜିଲ୍ଲା ଓ ସହରରେ ସ୍ଥାପନା କରାଯାଇପାରେ ।

**୬୪. ଏହି ଆଇନ୍ ପ୍ରାରମ୍ଭ ବେଳେ ଦଣ୍ଡାଦେଶ ଭୋଗୁଥିବା ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର-**

ଏହି ଆଇନ୍ ଯେଉଁ ଅଞ୍ଚଳରେ ଲାଗୁ ହୋଇଥିବ, ତହିଁର ରାଜ୍ୟ ସରକାର ଏହି ନିର୍ଦ୍ଦେଶ ଦେବେ ଯେ, ଆଇନ୍

ସହିତ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋର ଯଦି ଏହି ଆଇନ୍‌ର ପ୍ରାରମ୍ଭ ବେଳେ ଜେଲ୍‌ଦଣ୍ଡ ଭୋଗୁଥିବେ, ତେବେ ଉକ୍ତ ଧରଣର ଦଣ୍ଡ ଭୋଗିବା ପରିବର୍ତ୍ତେ ଦଣ୍ଡାଦେଶର ଅବଶିଷ୍ଟ ସମୟ-ଅବଧି ପାଇଁ ତାଙ୍କୁ ଏକ ସ୍ୱତନ୍ତ୍ର ଗୃହ ବା ସମର୍ଥ ଅନୁଷ୍ଠାନକୁ ସେପରି ପଦ୍ଧତିରେ ପ୍ରେରଣ କରାଯିବ, ଯାହାକି ରାଜ୍ୟ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ ଉଚିତ୍ ମନେ କରିପାରନ୍ତି; ଏବଂ ସମ୍ପୃକ୍ତ କିଶୋର ପ୍ରତି ଏହି ଆଇନ୍‌ର ବ୍ୟବସ୍ଥାମାନ ସେପରି ଲାଗୁ ହେବ, ସତେ ଯେମିତି ପରିଷଦଙ୍କ ଆଦେଶ ବଳରେ ତାଙ୍କୁ ସଂପୃକ୍ତ ସ୍ୱତନ୍ତ୍ର ଗୃହ ବା ଅନୁଷ୍ଠାନକୁ ଅଣାଯାଇଛି ବା ଯଥାସ୍ଥିତି ଏହି ଆଇନ୍‌ର ଧାରା ୧୬ର ଉପଧାରା (୨) ଅନୁଯାୟୀ ତାଙ୍କୁ ସୁରକ୍ଷାମୂଳକ ଯତ୍ନ ଅଧୀନରେ ସ୍ଥାନିତ କରାଯିବାକୁ ଆଦେଶ ଦିଆଯାଇଛି ।

**୬୫. ବନ୍ଧପତ୍ର କ୍ଷେତ୍ରରେ କାର୍ଯ୍ୟପଦ୍ଧତି-**

ଏହି ଆଇନ୍ ଅନୁଯାୟୀ ଗ୍ରହଣ କରଯିବାକୁ ଥିବା ବନ୍ଧପତ୍ର (ବଣ୍ଡ୍) କ୍ଷେତ୍ରରେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨)ର ଅଧ୍ୟାୟ-୩୮ ଅଧୀନସ୍ଥ ବ୍ୟବସ୍ଥାମାନ ଯେତେଦୂର ସମ୍ଭବ ପ୍ରଯୁଜ୍ୟ ରହିବ ।

**ପରନ୍ତୁ,** ରାଜ୍ୟ ସରକାର ବା ଯଥାସ୍ଥିତି ପରିଷଦ ଲିପିବଦ୍ଧ କରାଯାଇଥିବା ଏକ ପର୍ଯ୍ୟାପ୍ତ କାରଣ ଭିତ୍ତିରେ ଜେଲ୍‌ଦଣ୍ଡ ଭୋଗୁଥିବା ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ସେଭଳି ଜଣେ କିଶୋରଙ୍କର ମାମଲାକୁ ପୁନର୍ବିଚାର କରିପାରନ୍ତି, ଯେ କି ଏହି ଆଇନ୍‌ର ପ୍ରାରମ୍ଭ ବେଳେ ବା ପ୍ରାରମ୍ଭ ପୂର୍ବରୁ ନିଜର କୈଶୋରକୁ ଅତିକ୍ରମ କରିସାରିଥିଲେ ଏବଂ ସେପରି କିଶୋରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଯଥୋଚିତ ଆଦେଶ ଜାରି କରିପାରନ୍ତି ।

**ସ୍ପଷ୍ଟୀକରଣ-** ସେହିସବୁ ମାମଲା କ୍ଷେତ୍ରରେ, ଯେଉଁଠି ଏହି ଆଇନ୍‌ର ପ୍ରାରମ୍ଭ ତାରିଖରେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରଙ୍କ ପ୍ରତି ଦଣ୍ଡାଦେଶ ଫଳରେ ସେ ଜେଲ୍‌ଦଣ୍ଡ ଭୋଗୁଥିବେ ଏବଂ ସେହି ମାମଲା ଯେଉଁ ପର୍ଯ୍ୟାୟରେ ଥାଉନା କାହିଁକି, ତାଙ୍କର କୈଶୋରାବାସ୍ଥା ସଂବନ୍ଧୀୟ ପ୍ରସଙ୍ଗ ସମେତ ସମୁଦାୟ ମାମଲାଟି, ସେ ଉକ୍ତ ତାରିଖ ଦିନ ବା ତାହା ପୂର୍ବରୁ କୈଶୋରାବସ୍ଥା ଅତିକ୍ରମ କରିସାରିଥିବା ସତ୍ତ୍ୱେ, ଏହି ଆଇନ୍‌ର ଧାରା-୨ ଅଧୀନସ୍ଥ ପ୍ରକରଣ (ଏଲ୍) ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ତଥା ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଅନୁଯାୟୀ ଫଇସଲା-ଯୋଗ୍ୟ ବୋଲି ବିବେଚିତ ହେବ, ଏବଂ ତଦନୁଯାୟୀ ଦଣ୍ଡ-ଅବଧିର ଅବଶିଷ୍ଟ ରହଣି ସମୟ ପାଇଁ ତାଙ୍କୁ ଏକ ସ୍ୱତନ୍ତ୍ର ଗୃହ ବା ଯଥାସ୍ଥିତି ଏକ ସମର୍ଥ ଅନୁଷ୍ଠାନକୁ ପ୍ରେରଣ କରାଯିବ, କିନ୍ତୁ ଏପ୍ରକାର ଦଣ୍ଡାଦେଶ କୌଣସି ପରିସ୍ଥିତିରେ ସେହି ସର୍ବାଧିକ ସମୟ-ଅବଧିକୁ ଟପିବ ନାହିଁ, ଯାହା କି ଆଇନ୍‌ର ଧାରା ୧୫ ଅଧୀନରେ ସୂଚୀତ ହୋଇଛି ।

**୬୬. କ୍ଷମତା ଅର୍ପଣ-**

ରାଜ୍ୟ ସରକାର ଏକ ସାଧାରଣ ଆଦେଶ ବଳରେ ନିର୍ଦ୍ଦେଶ ଦେଇପାରନ୍ତି ଯେ, ଏହି ଆଇନ୍ ଅଧୀନରେ ତାଙ୍କ ଦ୍ୱାରା ପ୍ରୟୋଗ-ଯୋଗ୍ୟ ଯେ କୌଣସି କ୍ଷମତା, ଉକ୍ତ ଆଦେଶରେ ବିହିତ ହୋଇଥିବା ସେପରି ପରିସ୍ଥିତି ଏବଂ ସେପରି ଆବଶ୍ୟକୀୟ ସର୍ତ୍ତାବଳୀ ଅଧୀନରେ ଉକ୍ତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅଧୀନସ୍ଥ ଜଣେ ଅଫିସରଙ୍କ ଦ୍ୱାରା ମଧ୍ୟ ପ୍ରୟୋଗ କରାଯାଇ ପାରିବ ।

**୬୭. ଉତ୍ତମ ବିଶ୍ୱାସରେ ସମ୍ପାଦିତ କାର୍ଯ୍ୟକୁ ସୁରକ୍ଷା ପ୍ରଦାନ-**

ରାଜ୍ୟ ସରକାର ବା ଏହି ଆଇନ୍‌ର ଅନୁପାଳନାର୍ଥେ କୌଣସି ଗୃହ ପରିଚାଳନା କରୁଥିବା ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ବା ନିୟୋଜିତ ହୋଇଥିବା କୌଣସି ଅଧିକାରୀ ଏବଂ କର୍ମଚାରୀ, ଯଦି ସେମାନଙ୍କ ଭିତରୁ କେହି

ଏପରି କୌଣସି କାର୍ଯ୍ୟ କରିଥାନ୍ତି, ଯାହାକି ଏହି ଆଇନ୍ ବା ଏହା ଅଧୀନରେ ଜାରି ହୋଇଥିବା କୌଣସି ନିୟମାବଳୀ ବା ଆଦେଶର ଅନୁପାଳନାର୍ଥେ ସମ୍ପାଦିତ ହୋଇଥିବ ବା ସମ୍ପାଦନ ପାଇଁ ଅଭିପ୍ରେତ ହୋଇଥିବ, ତେବେ ତାଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା ବା ଆଇନ୍‌ଗତ କାର୍ଯ୍ୟବିଧି ଅନୁଷ୍ଠିତ ହୋଇ ପାରିବ ନାହିଁ,

**୬୮. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା-**

(୧) ଏହି ଆଇନ୍‌ର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟରୂପ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ବଳରେ ନିୟମାବଳୀ ପ୍ରଣୟନ କରି ପାରନ୍ତି ।

**ପରନ୍ତୁ,** ଏହି ଧାରା ଅଧୀନରେ ଯେଉଁସବୁ ବିଷୟଗୁଡ଼ିକ ଉପରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରନ୍ତି, ସେ ସମସ୍ତ ବା ତନ୍ମଧ୍ୟରୁ ଯେ କୌଣସି ବିଷୟ ଉପରେ କେନ୍ଦ୍ର ସରକାର ଆଦର୍ଶ ନିୟମାବଳୀ ପ୍ରସ୍ତୁତ କରିପାରନ୍ତି, ଏବଂ ଯେଉଁସ୍ଥଳେ ଏତାଦୃଶ କୌଣସି ବିଷୟ ଉପରେ କୌଣସି ଆଦର୍ଶ ନିୟମାବଳୀ ପ୍ରସ୍ତୁତ କରାଯାଇଛି, ତାହା ସଂପୃକ୍ତ ରାଜ୍ୟ ଦ୍ୱାରା ସେହି ବିଷୟ ଉପରେ ନିୟମାବଳୀ ପ୍ରଣୟନ ନହେବା ପର୍ଯ୍ୟନ୍ତ ପ୍ରଯୁଜ୍ୟ ରହିବ, ଏବଂ ଏତାଦୃଶ ନିୟମାବଳୀର ପ୍ରସ୍ତୁତି କଲାବେଳେ ସେଗୁଡ଼ିକ ଯଥାସମ୍ଭବ ଆଦର୍ଶ ନିୟମାବଳୀ ସହିତ ସଂଗତିସମ୍ପନ୍ନ ହେବା ଉଚିତ୍ ।

(୨) ବିଶେଷ କରି ଏବଂ ପୂର୍ବୋକ୍ତ କ୍ଷମତାସମୂହର ସାଧାରଣ ପ୍ରଯୁଜ୍ୟତାକୁ କ୍ଷୁର୍ଣ୍ଣ ନକରି ନିମ୍ନୋକ୍ତ ସମସ୍ତ ବା ତନ୍ମଧ୍ୟରୁ କୌଣସି ବିଷୟ ଉପରେ ଏହି ନିୟମାବଳୀରେ ବ୍ୟବସ୍ଥା କରାଯାଇପାରେ, ଯଥା -

୧ - ପରିଷଦର ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ଧାରା-୪ର ଉପଧାରା (୪) ଅନୁଯାୟୀ ଜଣେ ସଦସ୍ୟ କେଉଁ ପଦ୍ଧତିରେ ଇସ୍ତଫା ଦେଇ ପାରନ୍ତି;

୨ - ପରିଷଦର ବୈଠକଗୁଡ଼ିକ ଅନୁଷ୍ଠିତ ହେବାର ସମୟସୂଚୀ ସମ୍ପର୍କୀତ ବିଷୟ, ଏବଂ ଧାରା ୫ର ଉପଧାରା(୧) ଅନୁଯାୟୀ ଏହାର ବୈଠକଗୁଡ଼ିକର କାର୍ଯ୍ୟସୂଚୀ ନିର୍ବାହନ ସମ୍ବନ୍ଧରେ କାର୍ଯ୍ୟଧାରା ସମ୍ପର୍କୀତ ନିୟମାବଳୀ ;

୩ – ପରିବେକ୍ଷଣ ଗୃହମାନଙ୍କ ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସେପରି ଗୃହଗୁଡ଼ିକର ପରିଚାଳନା, କେଉଁ ପରିସ୍ଥିତିରେ ଓ କେଉଁ ପ୍ରଣାଳୀରେ ଗୋଟିଏ ପରିବେକ୍ଷଣ ଗୃହକୁ ସ୍ୱୀକୃତି ପ୍ରଦାନ ବା ତହିଁର ପ୍ରତ୍ୟାହାର କରାଯିବ, ଏବଂ ଧାରା ୮ରେ ସୂଚୀତ ହୋଇଥିବା ଅନ୍ୟାନ୍ୟ ବିଷୟସମୂହ;

୪ – ସ୍ୱତନ୍ତ୍ର ଗୃହମାନଙ୍କ ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସେପରି ଗୃହଗୁଡ଼ିକର ପରିଚାଳନା, କେଉଁ ପରିସ୍ଥିତିରେ ଓ କେଉଁ ପ୍ରଣାଳୀରେ ଗୋଟିଏ ସ୍ୱତନ୍ତ୍ର ଗୃହକୁ ସ୍ୱୀକୃତି ପ୍ରଦାନ ବା ତହିଁର ପ୍ରତ୍ୟାହାର କରାଯିବ, ଏବଂ ଧାରା ୯ରେ ସୂଚୀତ ହୋଇଥିବା ଅନ୍ୟାନ୍ୟ ବିଷୟସମୂହ;

୫ - ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି ଏକ କିଶୋରକୁ ପରିଷଦ ସମ୍ମୁଖରେ କେଉଁ ବ୍ୟକ୍ତିମାନଙ୍କ ଦ୍ୱାରା ହାଜର କରାଯିବ ଏବଂ ଧାରା ୧୦ର ଉପଧାରା (୨) ଅନୁଯାୟୀ ଏଭଳି ଜଣେ କିଶୋରକୁ କେଉଁ ପଦ୍ଧତିରେ ଏକ ପରିବେକ୍ଷଣ ଗୃହକୁ ପଠାଯିବ ;

୬ - ଧାରା ୧୯ ଅଧୀନରେ ଜଣେ କିଶୋରକୁ ଦଣ୍ଡଘୋଷଣା ଜନିତ ଯେଉଁ ଅଯୋଗ୍ୟତା ଆରୋପିତ ହୋଇଥାଏ, ତହିଁର ଦୂରୀକରଣ ସଂପର୍କୀତ ବ୍ୟବସ୍ଥାମାନ;

୭ - ଧାରା ୨୯ର ଉପଧାରା (୩) ଅଧୀନରେ ସୂଚୀତ ହୋଇଥିବା ମତେ ନିଯୁକ୍ତ ଅଧକ୍ଷ ଓ ସଦସ୍ୟମାନଙ୍କର ଯୋଗ୍ୟତା ଏବଂ କାର୍ଯ୍ୟକାଳ ;

୮ - କମିଟିର ବୈଠକଗୁଡିକ ଅନୁଷ୍ଠିତ ହେବାର ସମୟ-ସୂଚୀ ସଂପର୍କୀତ ବିଷୟ, ଏବଂ ଧାରା ୩୦ର ଉପଧାରା(୧) ଅନୁଯାୟୀ ଏହାର ବୈଠକର କାର୍ଯ୍ୟସୂଚୀ ନିର୍ବାହନ ସମ୍ବନ୍ଧରେ କାର୍ଯ୍ୟଧାରା ସମ୍ପର୍କୀତ ନିୟମାବଳୀ ;

୯ - ପୋଲିସ୍ ଓ କମିଟିକୁ କେଉଁ ପ୍ରଣାଳୀରେ ରିପୋର୍ଟ କରାଯିବ ଏବଂ ଧାରା ୩୨ର ଉପଧାରା (୨) ଅଧୀନରେ ଏକ ଅନୁସନ୍ଧାନ ଅସମାପ୍ତ ଥିବା ବେଳେ ଗୋଟିଏ ବାଳୁତକୁ କେଉଁ ପଦ୍ଧତିରେ ଏକ ଶିଶୁଗୃହକୁ ପଠାଯିବ ଏବଂ ନ୍ୟସ୍ତ କରାଯିବ ;

୧୦- ଶିଶୁଗୃହମାନଙ୍କ ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସେପରି ଗୃହଗୁଡିକର ପରିଚାଳନା, କେଉଁ ପ୍ରଣାଳୀରେ ଗୋଟିଏ ଶିଶୁଗୃହକୁ ଏବଂ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନକୁ ଧାରା ୩୪ର ଉପଧାରା(୨) ଅଧୀନରେ ସ୍ୱୀକୃତି ପ୍ରଦାନ ବା ତହିଁର ପ୍ରତ୍ୟାହାର କରାଯିବ, ଏବଂ କେଉଁ ପ୍ରଣାଳୀରେ ଧାରା ୩୪ର ଉପଧାରା(୩) ଅଧୀନରେ ଅନୁଷ୍ଠାନଗୁଡିକର ପଞ୍ଜୀକରଣ କରାଯିବ ;

୧୧- ଶିଶୁଗୃହମାନଙ୍କ ନିମନ୍ତେ ନିରୀକ୍ଷକ କମିଟିସମୂହକୁ ନିଯୁକ୍ତି, ଏହି ନିରୀକ୍ଷକ କମିଟିସମୂହର କାର୍ଯ୍ୟକାଳ ଏବଂ ଏପରି କମିଟିଗୁଡିକୁ ଗଠନ କରିବା ପଛରେ ଉଦ୍ଦେଶ୍ୟସମୂହ, ଏବଂ ଧାରା ୩୫ରେ ସୂଚୀତ ହୋଇଥିବା ଏଭଳି ଅନ୍ୟ କୌଣସି ବିଷୟସମୂହ;

୧୨- ଧାରା ୩୭ର ଉପଧାରା (୩) ଅଧୀନରେ ଆଶ୍ରୟ ଗୃହମାନଙ୍କ ଦ୍ୱାରା ଯୋଗାଇ ଦିଆଯିବାକୁ ଥିବା ସୁବିଧାସୁଯୋଗ ;

୧୨ଏ. ଧାରା ୪୧ର ଉପଧାରା (୨) ଅଧୀନରେ ପୋଷ୍ୟତା କ୍ଷେତ୍ରରେ ଅବଲମ୍ବିତ ହେବାକୁ ଥିବା ଥଇଥାନ ପଦ୍ଧତି, ଉପଧାରା (୩) ଅଧୀନରେ ମାର୍ଗଦର୍ଶୀକାର ବିଜ୍ଞପ୍ତି ଜାରି ଓ ଉପଧାରା (୪) ଅଧୀନରେ ପାରଦର୍ଶୀ ପୋଷ୍ୟତା ସଂସ୍ଥାମାନଙ୍କୁ ସ୍ୱୀକୃତି ପ୍ରଦାନର ପଦ୍ଧତି ;

୧୩- ଧାରା ୪୨ର ଉପଧାରା (୩) ଅଧୀନରେ ବାଳୁତମାନଙ୍କ ପାଇଁ ପୋଷକ ଯତ୍ନ କାର୍ଯ୍ୟକ୍ରମକୁ ବାସ୍ତବାୟନ କରିବା ଉଦ୍ଦେଶ୍ୟରେ କୌଣସି ଯୋଜନାର କାର୍ଯ୍ୟାନ୍ୱୟନ ;

୧୪- ଧାରା ୪୩ର ଉପଧାରା (୨) ଅଧୀନରେ ବାଳୁତମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପୃଷ୍ଠପୋଷକତା କାର୍ଯ୍ୟକ୍ରମକୁ ବାସ୍ତବାୟନ କରିବା;

୧୫- ଧାରା ୪୪ ଅଧୀନରେ ଯତ୍ନ-ପର ଅନୁଷ୍ଠାନମାନଙ୍କ ସମ୍ପର୍କରେ ବିଷୟମାନ ;

୧୬- ଧାରା ୪୫ ଅଧୀନରେ ଜଣେ ବାଳୁତର ଥଇଥାନ ଓ ସାମାଜିକ ପୁନର୍ମିଳନକୁ ସହଜସାଧ୍ୟ କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ଫଳପ୍ରଦ ସଂଯୋଜନାକୁ ସୁନିଶ୍ଚିତ କରିବା ;

୧୭- ଧାରା ୬୧ର ଉପଧାରା (୩) ଅଧୀନରେ ପାଣ୍ଠିକୁ ଯେଉଁସବୁ ଉଦ୍ଦେଶ୍ୟ ପାଇଁ ଏବଂ ଯେଉଁ ପ୍ରଣାଳୀରେ ନିର୍ବାହନ କରାଯିବ ;

୧୮- ଅନ୍ୟ କୌଣସି ବିଷୟ, ଯାହାକି ବିହିତ ହେବା ଆବଶ୍ୟକ ବା ଯାହାକି ବିହିତ କରାଯାଇପାରେ ;

(୩) ଏହି ଆଇନ୍ ଅଧୀନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତ୍ୟେକ ନିୟମ ପ୍ରଣୀତ ହେବାକ୍ଷଣି ଯଥାଶୀଘ୍ର ସଂସଦ ଚାଲୁଥିବା ବେଳେ ଏହାର ପ୍ରତି ଗୃହରେ ସମୁଦାୟ ସେହି ତିରିଶ ଦିନ ପାଇଁ ଉପସ୍ଥାପିତ ରହିବ, ଯାହାକି ଏକ, ଦୁଇ ବା ତତୋଧିକ କ୍ରମାଗତ ଅଧିବେଶରେ ପରିବ୍ୟାପ୍ତ ହୋଇପାରେ, ଏବଂ ଉପରେ ସୂଚୀତ ହୋଇଥିବା ମତେ ସଂପୃକ୍ତ ଅଧିବେଶନ ବା ଅଧିବେଶନସମୂହର ଅବ୍ୟବହିତ ପରେ ଅନୁଷ୍ଠିତ ହୋଇଥିବା ଅଧିବେଶନ ସମାପ୍ତ ହେବା ପୂର୍ବରୁ ଯଦି ଉଭୟ ଗୃହ ସଂପୃକ୍ତ ନିୟମରେ କୌଣସି ସଂଶୋଧନ ପାଇଁ ସହମତ ହୁଅନ୍ତି ବା ଉକ୍ତ ନିୟମ ପ୍ରଣୀତ ହେବା ଉଚିତ୍ ନୁହେଁ ବୋଲି ଉଭୟ ଗୃହ ସହମତି ହୁଅନ୍ତି, ତେବେ ଏହା ପରେ ସଂପୃକ୍ତ ନିୟମ ସେହି ସଂଶୋଧିତ ରୂପରେ ପ୍ରଭାବ ବହନ କରିବ ବା ଯଥାସ୍ଥିତି ପ୍ରଭାବଶୂନ୍ୟ ହୋଇଯିବ; କିନ୍ତୁ ଉପରୋକ୍ତ ମତେ ଘଟିଥିବା ସଂଶୋଧନ ବା ପ୍ରତ୍ୟାଖ୍ୟାନ ଫଳରେ ଉକ୍ତ ନିୟମ ଅଧୀନରେ ପୂର୍ବରୁ ଯାହା କିଛି ସମ୍ପାଦିତ ହୋଇଥିବ, ତାହାର ବୈଧତାରେ କୌଣସି ଆଞ୍ଚ ଆସିବ ନାହିଁ ।

(୪) ଏହି ଆଇନ୍ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ ପ୍ରଣୟନ ହେବା କ୍ଷଣି ଯଥାଶୀଘ୍ର ରାଜ୍ୟ ଆଇନ୍ ସଭା ସମ୍ମୁଖରେ ଉପସ୍ଥାପନ କରାଯିବ ।

**୬୯. ପ୍ରତ୍ୟାହାର ଓ ବ୍ୟାବୃତ୍ତି-**

(୧) କିଶୋର ନ୍ୟାୟ ଆଇନ୍ ୧୯୮୬ (୧୯୮୬ର ଆଇନ୍ ସଂଖ୍ୟା ୫୩ )କୁ ଏତଦ୍ଦ୍ୱାରା ପ୍ରତ୍ୟାହାର କରାଗଲା ।

(୨) ଏତଦୃଶ ପ୍ରତ୍ୟାହାର ସତ୍ତ୍ୱେ ଉକ୍ତ ଆଇନ୍ ଅଧୀନରେ ଯାହା କିଛି ସମ୍ପାଦିତ ହୋଇଥିବ ବା ଯେଉଁସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବ, ତାହାସବୁ ଏହି ଆଇନ୍‌ର ତଦନୁରୂପ ବ୍ୟବସ୍ଥାଗୁଡିକ ଅନୁଯାୟୀ ସମ୍ପାଦିତ ଓ ନିର୍ବାହିତ ବୋଲି ବିବେଚିତ ହେବ ।

**୭୦. ଅସୁବିଧା ଦୂରୀକରଣ ପାଇଁ କ୍ଷମତା-**

(୧) ଏହି ଆଇନ୍‌ର ବ୍ୟବସ୍ଥାଗୁଡିକୁ କାର୍ଯ୍ୟରୂପ ଦେବା କ୍ଷେତ୍ରରେ ଯଦି କୌଣସି ଅସୁବିଧା ଦେଖାଦିଏ, ତେବେ ଏହି ଆଇନ୍‌ର ବ୍ୟବସ୍ଥାଗୁଡିକ ସହିତ ଅସଂଗତ ହେଉନଥିବା ଏକ ଆଦେଶ ବଳରେ କେନ୍ଦ୍ର ସରକାର ଉକ୍ତ ଅସୁବିଧାକୁ ଦୂରୀକରଣ କରିପାରନ୍ତି :

**ପରନ୍ତୁ,** ଏହି ଆଇନ୍‌ର ପ୍ରାରମ୍ଭ ହେବା ତାରିଖ ଠାରୁ ଦୁଇବର୍ଷର ସମୟ-ଅବଧି ଅତିକ୍ରାନ୍ତ ହୋଇଥିଲେ ସେପରି କୌଣସି ଆଦେଶ ଜାରି କରାଯାଇପାରିବ ନାହିଁ ।

(୨) କିନ୍ତୁ, ଏହି ଧାରା ଅଧୀନରେ ଜାରି ହୋଇଥିବା ପ୍ରତ୍ୟେକ ଆଦେଶ ତାହା ଜାରି କରାଯିବା ପରେ ପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହ ସମ୍ମୁଖରେ ଉପସ୍ଥାପିତ ହେବ ।

***(Translated from English by Chitta Behera, 4A Jubilee, Choudhury Bazar, Cuttack-9, 2nd August 2009)***